# ଭୁବନେଶ୍ୱର ସିଟି



## ଚିକେନ ଦୋକାନୀଙ୍କୁ ଚାପଡ଼ ଚୋଟ; ଭାଇଭଉଣୀ ଗିରଫ

ଭୁବନେଶ୍ୱର / ନନ୍ଦନକାନନ, ୧୩।୩ (ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଭାଇଭଉଣୀ ମିଶି ଜଣେ ଚିକେନ ଦୋକାନୀଙ୍କୁ ଚାପଡ଼ରେ ଆକ୍ରମଣ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ନନ୍ଦନକାନନ ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଏହି କାଣ୍ଡରେ ସମ୍ପୃକ୍ତ ଦୁଇଭାଇ ଭଉଣୀଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଶିଖରଚଣ୍ଡୀ ନଗର ବସ୍ତିରେ ରହୁଥିବା ନୟାଗଡ଼ ସିନ୍ଦୂରିଆର ସୈଫଲ୍ଲୀ ଖାନ୍ (୨୨) ଓ ଭଉଣୀ ସବନମ୍ ବେଗମ (୨୮)। ପୁଲିସ ସୂଚନା ଅନୁସାରେ, ଜୁଲ୍ଲାଲ ଖାନ୍ ନାମକ ବ୍ୟକ୍ତି ନନ୍ଦନକାନନ ଥାନା ଅନ୍ତର୍ଗତ ମୈତ୍ରୀ ଭୁବନ ଆପାର୍ଟମେଣ୍ଟ ସାମ୍ନାରେ ଚିକେନ ଦୋକାନ କରିଛନ୍ତି। ସୈଫଲ୍ଲୀ ଓ ସବନମ୍ ତାଙ୍କ ସମ୍ପର୍କୀୟ ହୋଇଥିବାବେଳେ ଚିକେନ ଦୋକାନ ଓ ଟଙ୍କାକୁ ନେଇ ଦୁଇପକ୍ଷଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା। ମଙ୍ଗଳବାର ସନ୍ଧ୍ୟା ସମୟରେ ଜୁଲ୍ଲାଲ ଦୋକାନରେ ଥିବା ସମୟରେ ସୈଫଲ୍ଲୀ ଓ ସବନମ୍ ସେଠାକୁ ଆସିଥିଲେ। ଭାଇଭଉଣୀ ମିଶି ତାଙ୍କୁ ଗାଳିଗୁଲଜ କରିବା ସହ ମାଂସ କଟା ଚାପଡ଼ରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଜୁଲ୍ଲାଲଙ୍କ ହାତରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ହସ୍ପିଟାଲକୁ ନେଇଥିଲେ। ଏ ନେଇ ନନ୍ଦନକାନନ ଥାନାରେ ଅଭିଯୋଗ ହେବାପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ବୁଧବାର ଭାଇ ଭଉଣୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।





■ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

## ବନ୍ଧାହେଲେ ଆସିଷ୍ଟାଣ୍ଟ ବ୍ୟାଙ୍କ୍ ମ୍ୟାନେଜର୍

ଭୁବନେଶ୍ୱର, ୧୩।୩ (ସମିସ): ଯୁବତୀଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଅଭିଯୋଗରେ ପ୍ରେମିକ ତଥା ଏକ ବ୍ୟାଙ୍କର ଆସିଷ୍ଟାଣ୍ଟ ମ୍ୟାନେଜରକୁ ଗିରଫ କରିଛି ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଉଜୁଣୀ ଗାଁର ଜ୍ୟୋତିପ୍ରକାଶ ଜେନା (୨୪)। ସେ କଣ୍ଟାବାଞ୍ଜିସ୍ଥିତ ଏସ୍‌ବିଆଇ ଶାଖାରେ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କାମ କରୁଥିଲେ। ପୁଲିସ ସୂଚନା ଅନୁସାରେ, ଲୋପିତା (ଛଦ୍ମନାମ) ନାମ୍ନୀ ଜଣେ ଯୁବତୀ ଓ ଜ୍ୟୋତି ୨୦୨୩ ମସିହାରେ ଭୁବନେଶ୍ୱରରେ ରହି ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ସେହି ସମୟରେ ନୟାପଲ୍ଲୀସ୍ଥିତ ଏକ ଲାଇବ୍ରେରୀରେ ଉଭୟଙ୍କର ସାକ୍ଷାତ ହୋଇଥିଲା। ଏହା ପରେ ସେମାନଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିବା ସହିତ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଜ୍ୟୋତି ବିବାହ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋପିତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ତେବେ ବିବାହ କରିବାକୁ କହିବାରୁ ଜ୍ୟୋତି ସମ୍ପୂର୍ଣ୍ଣ ଭାବେ ମନା କରିବା ସହ ଗାଳି ଗୁଲଜ କରି ଧମକ ଦେଇଥିଲେ। ଏ ନେଇ ଲୋପିତା ଗତ ଫେବୃୟାରୀ ମାସରେ ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ମଙ୍ଗଳବାର କଣ୍ଟାବାଞ୍ଜିରେ ଚଢ଼ଉ କରି ଜ୍ୟୋତି ପ୍ରକାଶକୁ ଗିରଫ କରିଥିଲା ପୁଲିସ। ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି।

## ଭଡ଼ା ମାଗିବାରୁ ଘର ମାଲିକଙ୍କୁ ଖଣ୍ଡା ଚୋଟ; ଭଡ଼ାଟିଆ ଗିରଫ

ଭୁବନେଶ୍ୱର, ୧୩।୩ (ସମିସ): ଘର ଭଡ଼ା ମାଗିବାରୁ ମାଲିକଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଛି। ଖଣ୍ଡା ଚୋଟରେ ମାଲିକ ଲହୁ ଲୁହାଣ ହୋଇଛନ୍ତି। ସହିଦନଗର ଥାନା ଶାନ୍ତିପଲ୍ଲୀ ବସ୍ତିରେ ଏଭଳି ଘଟଣା ଘଟିଛି। ଅଭିଯୋଗ ପରେ ଭଡ଼ାଟିଆକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଟକ ଜିଲ୍ଲା କାନପୁର ଥାନା ଋଷିପଡ଼ାର ମନୁ ନାୟକ (୪୬)। ପୁଲିସ ସୂଚନା ଅନୁସାରେ, ଧନୁ ବେହେରା ୩ବର୍ଷ ହେବ ସହିଦନଗର ଶାନ୍ତିପଲ୍ଲୀ ବସ୍ତିରେ ରହୁଛନ୍ତି। ସେ ତାଙ୍କ ଘରକୁ ଲାଗି ରହିଥିବା ଗୋଟିଏ ଘରକୁ ଗତ ୫ମାସ ତଳେ ମନୁକୁ ଭଡ଼ା ସୂତ୍ରରେ ଦେଇଥିଲେ। ଧନୁ ଘର ଭଡ଼ା ମାଗିବା ସମୟରେ ମନୁ ତାଙ୍କୁ ଗାଳିଗୁଲଜ କରିବା ସହ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେଇ ଆସୁଥିଲା। ମନୁ ଗତ କାଲି ଅପରାହ୍ଣ ସମୟରେ ଘର ଭଡ଼ା ଦେବାକୁ କହି ଧନୁଙ୍କୁ ଡାକିଥିଲେ। ସେ ପହଞ୍ଚିବା କ୍ଷଣି ପୂର୍ବ ଯୋଜନା ମୁତାବକ ଗୋଟିଏ ଖଣ୍ଡାରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଧନୁଙ୍କ ଶରୀରରେ ଆଘାତ ଲାଗିବା ସହିତ ସେ ଗୁରୁତର ହୋଇଥିଲେ। ସହିଦନଗର ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରିବା ସହ ମନୁକୁ ଗିରଫ କରିଥିଲା। ଏଥିସହିତ ତା'ଠାରୁ ଗୋଟିଏ ଖଣ୍ଡା ଜବତ କରିଥିଲା।



### ରାଜଧାନୀରୁ ଦୁଇଟି ଡକାୟତି ଗ୍ୟାଙ୍ଗ୍ ଠାବ

# କାଶୀ-ବନ ଗ୍ୟାଙ୍ଗ୍‌ର ୯ ଗିରଫ





ଭୁବନେଶ୍ୱର, ୧୩।୩(ସମିସ):

ଅପରାଧ ମୁକ୍ତ ଲକ୍ଷ୍ୟକୁ ନେଇ ଭୁବନେଶ୍ୱର ଅପରାଧ ଦମନ ଲାଗି ନିଆଯାଉଛି କଡ଼ା ଆଭିମୁଖ୍ୟ। ମଙ୍ଗଳବାର ରାତିରେ ଭୁବନେଶ୍ୱରରେ ଦୁଇଟି ବଡ଼ଧରଣର ଡକାୟତି ଯୋଜନାକୁ ବ୍ୟର୍ଥ କରିଛି କମିସନରେଟ୍ ପୁଲିସ। ଏଥିରେ ସମ୍ପୃକ୍ତ ୯ଜଣ ପେସାଦାର ଡକାୟତିଙ୍କୁ ପୁଲିସ କାବୁ କରିଛି। ସେମାନଙ୍କ ଠାରୁ ମାରଣାସ୍ତ୍ର ଜବତ କରାଯିବା ସହ ସେମାନେ ୪୦ରୁ ଅଧିକ ମାମଲାରେ ସମ୍ପୃକ୍ତି ଥିବା ପୁଲିସ କହିଛି। ଅଭିଯୁକ୍ତଙ୍କୁ ତଡ଼ିପାର୍ କରିବାକୁ ଯୋଜନା ଚାଲୁଥିବା କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି।

**୫ ମାରଣାସ୍ତ୍ର, ଲଙ୍କାଗୁଣ୍ଡ ଓ କାର୍ ଜବତ**

**୪୦ ମାମଲାରେ ଅଭିଯୁକ୍ତ ସଂଶ୍ଳିଷ୍ଟ**



କୁଆଖାଇ ନଦୀପଠା ବାସୁଆଘାଇ ନିକଟରେ ଡକାୟତି ଯୋଜନା କରୁଥିବା ଏକ ଗ୍ୟାଙ୍ଗ୍‌ର ୫ଜଣ ଡକାୟତଙ୍କୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଗ୍ୟାଙ୍ଗ୍‌ର ମୁଖ୍ୟ ଫାଳିକିଆ ବସ୍ତିର ରାଜେନ୍ଦ୍ର ରାଉତ ଓରଫ କାଶୀ(୨୦), କେଦାରପଲ୍ଲୀର ମୁକେଶ ନାୟକ(୧୯), ଗୌତମନଗର ସୌମ୍ୟରଞ୍ଜନ ନାୟକ(୧୯), ହରିନଗର ବସ୍ତିର ଦୀପକ ପ୍ରଧାନ(୧୯) ଓ ଗଣେଶ ପ୍ରଧାନ(୨୫)। ସେମାନଙ୍କ ଠାରୁ କାର୍, ଚାପଡ଼, ଖଣ୍ଡା, ଲୁହାଛଡ଼, ମଦ ବୋତଲ ସହ ମୋବାଇଲ ଫୋନ୍ ଜବତ କରାଯାଇଛି। ପୁଲିସର କହିବାନୁଯାୟୀ, ବାସୁଆଘାଇ ନିକଟରେ ୫ଜଣ ମିଶି ଡକାୟତି କରିବା ଲାଗି ଯୋଜନା କରୁଥିଲେ। ପୁରୀ-କଟକ ବାଇପାସ୍‌ରେ ରହିଥିବା ପାତ୍ର ଇଲୋକ୍ଟ୍ରୋନିକ୍ସରୁ ଏମାନେ ଡକାୟତି କରିବା ଲାଗି ନକ୍ସା ପ୍ରସ୍ତୁତ କରି ଲୁଟିବାକୁ ଷଡ଼ଯନ୍ତ୍ର ରଚିଥିଲେ। ବଡ଼ଗଡ଼ ଥାନା ପୁଲିସ ସେଠାରେ ଚଢ଼ଉ କରି ୫ଜଣଙ୍କୁ କାବୁ କରିବା ସହ ମାରଣାସ୍ତ୍ର ଜବତ କରିଛି। ଗ୍ୟାଙ୍ଗ୍ ମୁଖ୍ୟ କାଶୀ ନାଁରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ଲୁଟ୍, ଡକାୟତି, ହତ୍ୟା ଉଦ୍ୟମ ସହ ଅନ୍ୟାନ୍ୟ ଅପରାଧିକ ମାମଲା ରହିଛି। ଏପରି କି ସହିଦନଗର ଥାନା ଅଞ୍ଚଳରେ ନିଶା କାରବାର ମାମଲାରେ ବି କାଶୀର ସମ୍ପୃକ୍ତି ରହିଛି। ସେ ଗ୍ୟାଙ୍ଗ୍ ଗଢ଼ି ଡକାୟତି କରିବା ସହ କାର୍‌କୁ ଭଡ଼ାରେ ଆଣିଥିଲା। ବାରମ୍ବାର ଅପରାଧ ଘଟାଇବା ପରେ କାଶୀ ପୁଲିସକୁ ଚକ୍‌ମା ଦେଇ ରାଜ୍ୟ ବାହାରକୁ ପଳାଉଥିଲା। ଅପରାଧିକ ଘଟଣା ଶିଥିଳତା ପଡ଼ିବା ପରେ ପୁଣି ଭୁବନେଶ୍ୱର ଫେରି ଅପରାଧ ଘଟାଉଥିଲା କାଶୀ।

## ଡକାୟତି ଯୋଜନା ବେଳେ ୪ ଜଣଙ୍କୁ ମାଡ଼ି ବସିଲା ପୁଲିସ

ଅନୁରୂପ ଭାବେ ଚନ୍ଦ୍ରଶେଖରପୁର ଥାନା ପୁଲିସ ଏକ ଡକାୟତି ଗ୍ୟାଙ୍ଗ୍‌କୁ କାବୁ କରୁଛି। ଏଥିରେ ସମ୍ପୃକ୍ତି ରହିଥିବା ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବନ ନାୟକ (୨୫), ଶିଶିର ବେହେରା(୩୩), ବିଭୂତି ପ୍ରଧାନ(୨୮) ଓ ସୁଧାକର ସ୍ୱାଇଁ(୨୦)। ସେମାନଙ୍କ ଠାରୁ ଛୁରି, ଖଣ୍ଡା, ଚାପଡ଼, ଲଙ୍କାଗୁଣ୍ଡ ସହ ମାରଣାସ୍ତ୍ର ଏବଂ ମଦ ବୋତଲ ଜବତ ହୋଇଛି। ଡକାୟତରେ ସମ୍ପୃକ୍ତ ରହିଥିବା ଅଭିଯୁକ୍ତଙ୍କ ଘର ନୟାଗଡ଼ ଓ ଗଜପତି ଜିଲ୍ଲାରେ। ସେମାନେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ବସ୍ତିଗୁଡ଼ିକରେ ରୁହନ୍ତି। ରାସ୍ତାରେ ଯାଉଥିବା ଏକୁଟିଆ ଲୋକ କିମ୍ବା ଦୋକାନରୁ ଯୋଜନା କରି ଡକାୟତି କରିଥାନ୍ତି। ମଞ୍ଚେଶ୍ୱର ଓ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏମାନଙ୍କ ନାମରେ ୨୫ରୁ ଅଧିକ ମାମଲା ରହିଛି। ବନ ନାମରେ କେବଳ ୧୩ଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି। ପୁଲିସର କହିବାନୁଯାୟୀ ଗତରାତିରେ ଚନ୍ଦ୍ରଶେଖରପୁର ଥାନା ଅଧୀନ ରେଲୱେ ଅଡିଟୋରିୟମ ବାମ ପାର୍ଶ୍ୱକୁ ଲାଗି ଏକ ଖୋଲା ପଡ଼ିଆରେ ଅଭିଯୁକ୍ତମାନେ ବସି ଡକାୟତି ଲାଗି ଯୋଜନା କରୁଥିଲେ। ଖବରପାଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ଅତର୍କିତ ଚଢଉ କରିଥିଲେ। ସେଠାରୁ ୪ଜଣଙ୍କୁ କାବୁ କରାଯାଇଥିବା ବେଳେ ଜଣେ ଫେରାର୍ ହୋଇଯାଇଥିଲା।

### ଶ୍ରୁତିବାଧିତ ଯୁବତୀଙ୍କୁ ଦୁଷ୍କର୍ମ ଘଟଣା

## ଦୁଷ୍କର୍ମକାରୀକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଭୁବନେଶ୍ୱର, ୧୩।୩(ସମିସ): ବାଲିପାଟଣା ଥାନା ଅଞ୍ଚଳରେ ଶ୍ରୁତିବାଧିତ ଯୁବତୀଙ୍କୁ ଦୁଷ୍କର୍ମ ମାମଲାରେ ଦୁଷ୍କର୍ମକାରୀ କୃଷ୍ଣଚନ୍ଦ୍ର ଦାସ ଓରଫ ଭୋଇକୁ ୧୦ ବର୍ଷ ଜେଲ୍‌ଦଣ୍ଡାଦେଶ ଦେଇଛନ୍ତି ଭୁବନେଶ୍ୱର ଅତିରିକ୍ତ ଦୌରା ଜଜ୍ ପ୍ରଦୀପ କୁମାର ବେହେରା।

ସୂଚନାଯୋଗ୍ୟ ଯେ, ପୀଡ଼ିତା ଉଭୟ ଶୁଣି ପାରନ୍ତି ନାହିଁ କି କହିପାରନ୍ତି ନାହିଁ। ଘଟଣା ଦିନ ସେ ଘରେ ଏକୁଟିଆ ଥିବା ସମୟରେ କୃଷ୍ଣଚନ୍ଦ୍ର ଜୋର୍ ଜବରଦସ୍ତ ଘରେ ପଶି ତାଙ୍କୁ ଦୁଷ୍କର୍ମ କରିଥିଲେ। ପୀଡ଼ିତା ଜଣେ ମୂକ ବଧିର ହୋଇଥିବା ହେତୁ ସେ ଇଙ୍ଗିତ ମାଧ୍ୟମରେ ଘଟଣା ସମ୍ପର୍କରେ ନିଜ ମାଆଙ୍କୁ ଜଣାଇଥିଲେ। ପୀଡ଼ିତାଙ୍କ ମା' ଏହି ଘଟଣାକୁ ନେଇ ବାଲିପାଟଣା ଥାନାରେ ଏକ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ କୃଷ୍ଣଚନ୍ଦ୍ରକୁ ଗିରଫ କରାଯାଇଥିଲା। ପରେ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ନାମରେ ସଙ୍ଗିନ ଦଫାରେ ମାମଲା ରୁଜୁ କରାଯାଇଥିଲା। ପୀଡ଼ିତା ଜଣେ ଦିବ୍ୟାଙ୍ଗ ହୋଇଥିବାରୁ ତାଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ପୁଲିସ ଓ ଆଇନ୍‌ଜୀବୀ ପାଇଁ ଏହା ଏକ ଆହ୍ୱାନ ଥିଲେ। ଏଥିନିମନ୍ତେ ସରକାରୀ ଆଇନ୍‌ଜୀବୀଙ୍କ ଦ୍ୱାରା ଅନେକ ଥର ଅନୁବାଦକଙ୍କ ସହାୟତା ନିଆଯାଇଥିଲା।

ଉପରୋକ୍ତ ମାମଲାର ବିଚାର କରି ଅଦାଲତ ୧୨ ସାକ୍ଷ୍ୟଙ୍କ ବୟାନ ଓ ୩୨ ଦସ୍ତାବିଜକୁ ଆଧାର କରି କୃଷ୍ଣଚନ୍ଦ୍ରଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ କ୍ଷେତ୍ରରେ ଆଉ ଏକ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସେହିପରି ବିଚାରପତି ନିଜ ରାୟରେ ପୀଡ଼ିତାକୁ ଆର୍ଥିକ ସହାୟତା ଦେବା ପାଇଁ ଖୋର୍ଦ୍ଧା ଜିଲ୍ଲା ଆଇନ ପ୍ରାଧିକରଣ, ଭୁବନେଶ୍ୱରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଆଇନ୍‌ଜୀବୀ ସୁରେଶ ବାରିକ ପରିଚାଳନା କରିଥିଲେ।

# ୧୭୫ଟି ମୋବାଇଲ ଫେରାଇଲା ପୁଲିସ





ଭୁବନେଶ୍ୱର, ୧୩।୩(ସମିସ): ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ପୁଲିସ ସେବା ଭବନ ପରିସରରେ ମୋବାଇଲ ଓ ମଟରସାଇକଲ ହସ୍ତାନ୍ତର ମେଳା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ବିଭିନ୍ନ ଥାନା, ପିଓପିଡି, ଟିମ୍ ୬୦ ଏବଂ ଓସିପିଓ ସେଲ୍‌ଙ୍କର ମିଳିତ ପ୍ରୟାସରେ ଚୋରି, ଲୁଟ୍ ଓ ହଜିଯାଇଥିବା ସମୁଦାୟ ୧୭୫ଟି ମୋବାଇଲ ଫୋନ୍‌କୁ ସେମାନଙ୍କର ପ୍ରକୃତ ମାଲିକଙ୍କୁ ଫେରାଇଛି କମିସନରେଟ୍ ପୁଲିସ। ସେହିପରି ୩ଟି ମଟରସାଇକଲକୁ ମଧ୍ୟ ହସ୍ତାନ୍ତର କରାଯାଇଛି। ଜବତ ଓ ଉଦ୍ଧାର କରାଯାଇଥିବା ମୋବାଇଲ ଫୋନ୍ ଓ ମଟରସାଇକଲ୍‌ର ମାଲିକାନା ଯାଞ୍ଚ ପରେ ସେମାନଙ୍କର ପ୍ରକୃତ ମାଲିକମାନଙ୍କୁ ଯୋଗାଯୋଗ କରାଯିବା ସହ ସ୍ୱତନ୍ତ୍ର ମେଳା ଆୟୋଜନ କରାଯାଇ ସେମାନଙ୍କୁ ଫେରାଇଛି ପୁଲିସ। ଓସିପିଓ ସେଲ ସର୍ବାଧିକ ୭୩ଟି ମୋବାଇଲ ଫୋନ୍ ଉଦ୍ଧାର କରିଥିବାବେଳେ ସହିଦନଗର ଥାନା ୨୦ଟି, ଧଉଳି ଥାନା ୧୬ଟି, ଖଣ୍ଡଗିରି ଥାନା ୧୧ଟି ଓ କ୍ୟାପିଟାଲ, ମୈତ୍ରୀ ବିହାର ଥାନା ଓ ଭରତପୁର ଥାନା ଦ୍ୱାରା ୧୦ଟି ଲେଖାଏଁ ମୋବାଇଲ ଫୋନ୍ ଉଦ୍ଧାର ହୋଇଥିଲା। ଏହା ବାଦ୍ ଅନ୍ୟ ଥାନା ଦ୍ୱାରା ଉଦ୍ଧାର ହୋଇଥିବା ମୋବାଇଲ ଫୋନ୍‌ଗୁଡ଼ିକ ମଧ୍ୟ ହସ୍ତାନ୍ତର କରାଯାଇଥିଲା। ସେହିଭଳି ଖାରବେଳ ନଗର ଥାନା ଦ୍ୱାରା ୨ଟି ଓ ବାଲିଅନ୍ତା ଥାନା ଦ୍ୱାରା ଜବତ ହୋଇଥିବା ଗୋଟିଏ ମଟରସାଇକଲକୁ ମଧ୍ୟ ପ୍ରକୃତ ମାଲିକଙ୍କୁ ଫେରସ୍ତ ହୋଇଛି। ଏହି ମେଳାରେ ଦ୍ୱୈତ ନଗରୀର ପୁଲିସ କମିସନର ସଞ୍ଜୀବ ପଣ୍ଡା, ଅତିରିକ୍ତ ପୁଲିସ କମିସନର ଅବିନାଶ କୁମାର ଓ ଭୁବନେଶ୍ୱର ଡିସିପି ପ୍ରତୀକ ସିଂହଙ୍କ ସମେତ ଅନ୍ୟ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଆଇନଶୃଙ୍ଖଳା ରକ୍ଷା କରିବାଠାରୁ ଆରମ୍ଭ କରି ଅପରାଧ ଦମନ, ସାଇବର ସୁରକ୍ଷା, ଟ୍ରାଫିକ୍ ସଚେତନତା ଓ ଅଜଣା ମୃତଦେହକୁ ଡାକ୍ତରଖାନାରେ ପହଞ୍ଚାଇବାରେ ସହଯୋଗ କରିଥିବା ଜଣେ ଯୁବତୀ, ଜଣେ ମହିଳାଙ୍କ ସମେତ ୬ ଜଣଙ୍କୁ କମିସନରେଟ୍ ପୁଲିସ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସୋନାଲ ମୋରେ, କ୍ୟାପିଟାଲ ଥାନା ଅଞ୍ଚଳର କେ ଆପ୍ପା ମା', ତମାଣ୍ଡୋ ଥାନା ଅଞ୍ଚଳର ଶିଶିର କୁମାର ମହାନ୍ତି, ଭରତପୁର ଥାନା ଅଞ୍ଚଳର ମାନସ ଖଟୁଆ, ରିଲାଏନ୍ସ ଜିଓର ନୋଡାଲ ଅଧିକାରୀ ଅନୀଲ କୁମାର ପ୍ରଧାନ, ଶ୍ରୀଲିଙ୍ଗରାଜ ଥାନା ଅଞ୍ଚଳର ପବିତ୍ର ମୋହନ ସେନାପତି ଓ ଜଟଣୀ ଥାନା ଅଞ୍ଚଳର ଆଲୋକ କୁମାର ମହାନ୍ତିଙ୍କୁ ସମ୍ମାନିତ କରାଯିବା ସହିତ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

**ସମ୍ମାନିତ ହେଲେ ୬ ଜଣ**

# ତ୍ରିକୋଣୀୟ ପ୍ରେମରୁ ଅପହରଣ

ଭୁବନେଶ୍ୱର, ୧୩।୩(ସମିସ):

ତ୍ରିକୋଣୀୟ ପ୍ରେମ ଲାଗି ଯୁବକକୁ ଅପହରଣ। ଭଉଣୀ ପ୍ରେମ କରୁଥିବା ଯୁବକକୁ ଅପହରଣ କରିଥିଲା ଭାଇ। ଭଉଣୀର ପ୍ରଥମ ପ୍ରେମିକ ପ୍ରରୋଚନାରେ ଭାଇ ସାଜିଥିଲା ଅପହରଣକାରୀ। ଭଉଣୀର ଦ୍ୱିତୀୟ ପ୍ରେମିକକୁ ଦିନବେଳା ବେକରେ ଖଣ୍ଡା ଲଗାଇ କରିଥିଲା ଅପହରଣ। ଚଳଚ୍ଚିତ୍ର କାହାଣୀ ଠାରୁ କମ୍ ନୁହେଁ ଏହି ଅପହରଣ ମାମଲା। ନୂଆପଲ୍ଲୀ ଥାନା ପାସପୋର୍ଟ କାର୍ଯ୍ୟାଳୟ ସାମ୍‌ନାରେ ଘଟିଥିବା ଅପହରଣ ମାମଲାରୁ ହଟିଛି ରହସ୍ୟ। ଏହି ଅପହରଣରେ ସମ୍ପୃକ୍ତି ରହିଥିବା ଯୁବତୀଙ୍କ ଭାଇ, ପ୍ରଥମ ପ୍ରେମିକ ସହ ଦୁଇ ନାବାଳକଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ସେମାନଙ୍କ ଠାରୁ ଅପହରଣରେ ବ୍ୟବହୃତ ବାଇକ୍ ଓ ଦୁଇଟି ଖଣ୍ଡା ଜବତ ହୋଇଛି।

ପୁଲିସ ସୂଚନା ଅନୁଯାୟୀ, ଯୁବତୀ ଜଣଙ୍କ ପୂର୍ବରୁ ଅଭିଯୁକ୍ତ ଅଙ୍କିତଙ୍କୁ ପ୍ରେମ କରୁଥିଲେ। କିଛି ଦିନ ପରେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ଅଙ୍କିତ ଠାରୁ ଦୂରେଇ ଯାଇଥିଲେ। ପରେ ଅନ୍ୟ ଜଣେ ଯୁବକ ରାଜାକୁ ନିଜ ବନ୍ଧୁ କରିଥିଲେ। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ଫୋନ୍‌ରେ କଥାବାର୍ତ୍ତା ହେବା ସହ ପ୍ରେମପକ୍ଷୀ ଭଳି ଦେଖାସାକ୍ଷତ ହେଉଥିଲେ। କିନ୍ତୁ ପ୍ରଥମ ପ୍ରେମିକ ଅଙ୍କିତ ଏହାକୁ ବିରୋଧ କରୁଥିଲା। ଯୁବତୀଙ୍କ ସାନଭାଇ ପ୍ରକାଶ ଓ ଅଙ୍କିତ ଭଲ ବନ୍ଧୁ ହୋଇଥିବାରୁ ପ୍ରକାଶକୁ ଭଉଣୀର ପ୍ରେମ ବିଷୟରେ ଅବଗତ କରାଇଥିଲା ଅଙ୍କିତ। ଦ୍ୱିତୀୟ ପ୍ରେମିକ ରାଜାକୁ ପାନେ ଦେବା ଲାଗି ଅଙ୍କିତ ଓ ଝିଅର ଭାଇ ପ୍ରକାଶ ଷଡ଼ଯନ୍ତ୍ର ରଚିଥିଲେ। ଗତ ୧୧ ତାରିଖ ଦିନବେଳା ପାସପୋର୍ଟ କାର୍ଯ୍ୟାଳୟ ସାମ୍‌ନାରେ ରାଜା ଓ ପ୍ରକାଶଙ୍କ ଭଉଣୀ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଅଙ୍କିତ, ପ୍ରକାଶ ଓ ତାଙ୍କର ଦୁଇ ନାବାଳକ ସହଯୋଗୀ ଆସି ରାଜା ବେକରେ ଖଣ୍ଡା ଲଗାଇ ଅପହରଣ କରିନେଇଥିଲେ। ସେମାନେ ରାଜାର ବେକରେ ଖଣ୍ଡା ଲଗାଇବା ସହ ଆଖିରେ କଳାପଟି ବାନ୍ଧି ବାଇକ୍‌ରେ ବସାଇ ନେଇଯାଇଥିଲେ। ଏ ନେଇ ଯୁବତୀ ଜଣଙ୍କ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ସେମାନଙ୍କ ଫୋନ୍ ନମ୍ବରକୁ ଟ୍ରାକିଂ କରି ପିଛା କରିଥିଲା।

ଅପହରଣକାରୀ ୪ଯୁବକ ଦୁଇଟି ବାଇକ୍‌ରେ ରାଜାକୁ ବସାଇ କଳ୍ପନା ଛକକୁ ନେଇଯାଇଥିଲେ। ସେଠାରେ ରଖି ଯୁବତୀଙ୍କ ଠାରୁ ଦୂରେଇ ଯିବାକୁ ବେକରେ ଖଣ୍ଡା ଲଗାଇ ଧମକ ଦେଉଥିଲେ। ଏଇ ସମୟରେ ସେହି ରାସ୍ତା ଦେଇ ଯାଉଥିବା ଜମାଟୋର ଜଣେ ଡେଲିଭରୀ ବୟ ଦେଖି ପିସିଆର୍‌କୁ ଖବର ଦେଇଥିଲେ। ସେଠାରେ ପୁଲିସ ପହଞ୍ଚିଲା ବେଳକୁ ଯୁବକମାନେ ରାଜାକୁ ନେଇ ପୁରୀ ପଳାଇଥିଲେ। କଳ୍ପନାରୁ ପିପିଲି ଦେଇ ପୁରୀକୁ ନେଇ ପଳାଇଥିଲେ। ସେଠାରେ ଏକ ନିଛାଟିଆ ସ୍ଥାନରେ ରାଜାକୁ ରଖିଥିବା ବେଳେ ପିଛା କରୁଥିବା ନୂଆପଲ୍ଲୀ ଥାନା ପୁଲିସ ସେଠାରେ ପହଞ୍ଚି ଯାଇଥିଲା। ପୁଲିସ ସେଠାରୁ ଅପହୃତ ରାଜାକୁ ଉଦ୍ଧାର କରିବା ସହ ୪ଅପହରଣକାରୀଙ୍କୁ କାବୁ କରିଥିଲା ବୋଲି ଜୋନ୍ ଏସିପି ଗୌତମ କିଶାନ ସୂଚନା ଦେଇଛନ୍ତି। ତେବେ ସମସ୍ତ ଅପହରଣକାରୀ ଓ ଅପହୃତ ରାଜା ଭୁବନେଶ୍ୱର ଏକ ଘରୋଇ କଲେଜରେ ପାଠ ପଢୁଛନ୍ତି।




■ ଝିଅର ଭାଇ ଓ ପ୍ରଥମ ପ୍ରେମିକ ରଚିଥିଲେ ଷଡ଼ଯନ୍ତ୍ର

■ ପୁରୀରୁ ଦ୍ୱିତୀୟ ପ୍ରେମିକ ଉଦ୍ଧାର; ଖଣ୍ଡା ଜବତ

■ ପ୍ରଥମ ପ୍ରେମିକ, ଭାଇ ସହ ୨ ନାବାଳକ ଧରାପଡ଼ିଲେ

## କ୍ଷତିପୂରଣ ଦାବିରେ ରାସ୍ତାରୋକ

ଭୁବନେଶ୍ୱର, ୧୩।୩ (ସମିସ): ପିଚୁ ବୋଝେଇ ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ ଘଟଣାରେ କ୍ଷତିପୂରଣ ଦାବି କରି ରାସ୍ତାରୋକ ହୋଇଛି। ଷ୍ଟୁଡିଓ ଛକରେ ମୃତଦେହକୁ ରାସ୍ତାରେ ରଖି ଧାରଣା ଦେଇଛନ୍ତି ସ୍ଥାନୀୟ ଲୋକେ। ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ଘଣ୍ଟାଏ ପରେ ରାସ୍ତାରୋକ ହଟିଥିଲା। ସୂଚନା ଅନୁସାରେ, ମଙ୍ଗଳବାର ସନ୍ଧ୍ୟାରେ ନୂଆଗାଁ - କାଟେଣୀ ରାସ୍ତା କାମ ଚାଲିଥିବାବେଳେ ପିଚୁ ବୋଝେଇ ହାଇୱା ଧକ୍କାରେ ମହିଳା ଶ୍ରମିକ କୁମୁଦ ସାହୁଙ୍କର ମୃତ୍ୟୁ ହୋଇଥିଲା। ଚନ୍ଦକା ଥାନା ପୁଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ହେଲେ ପରିବାର ଲୋକେ କ୍ଷତିପୂରଣ ଦାବିରେ ଷ୍ଟୁଡିଓ ଛକରେ ମୃତଦେହ ରଖି ରାସ୍ତା ରୋକ କରିଥିଲେ। ରାସ୍ତାରୋକ ଯୋଗୁଁ ରେଣ୍ଟାଳ-ସମ୍ ଓ ନାକାଗେଟ-ଚନ୍ଦକା ରାସ୍ତାରେ ଶତାଧିକ ଗାଡ଼ିମଟର ଅଟକି ରହିଥିଲା। ଦୀର୍ଘ ଏକ ଘଣ୍ଟା ପର୍ଯ୍ୟନ୍ତ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୁଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ରୋକ ହଟିଥିଲା।







# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପାହାଲ ଥାନାର କୋଠା ଲୋକାର୍ପିତ




ଭୁବନେଶ୍ୱର / ହଂସପାଳ, ୧୩।୩ (ସମିସ):

ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା ଅନ୍ତର୍ଗତ ପାହାଲ ବଜାରଠାରେ ନବନିର୍ମିତ ପାହାଲ ଥାନା କୋଠା ଉଦ୍‌ଘାଟିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀରେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ପୁଲିସ ଜିଲ୍ଲାରେ ଅପରାଧିକ କାର୍ଯ୍ୟକଳାପ, ଅପରାଧୀଙ୍କ ଗତିବିଧିକୁ ରୋକିବା ନିମନ୍ତେ ଏବଂ ଜନସାଧାରଣଙ୍କୁ ତୁରନ୍ତ ସେବା ଓ ସୁରକ୍ଷା ଯୋଗାଇ ଦେବା ନିମନ୍ତେ ପାହାଲ ଥାନା ପ୍ରତିଷ୍ଠା କରାଯାଇଛି। ଏହି ନବନିର୍ମିତ କୋଠାରେ ବିଭିନ୍ନ ପ୍ରକାରର ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ସିସିଟିଏନ୍ ନେଟ୍‌ୱର୍କ ସାଙ୍ଗକୁ ପୁଲିସ ଅଧିକାରୀମାନେ କାମ କରିବା ଲାଗି ମଡ୍ୟୁଲାର ରୁମ୍ କରାଯାଇଛି।



ସେହିପରି ପୁଲିସ ଅଧିକାରୀମାନେ ବସି ଅଫିସ କାର୍ଯ୍ୟ କରିବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥାମାନ କରାଯାଇଥିବା ବେଳେ କାର୍ଯ୍ୟରତ କର୍ମଚାରୀମାନଙ୍କ ଲାଗି ବିଶ୍ରାମ ଗୃହର ବନ୍ଦୋବସ୍ତ ମଧ୍ୟ ରହିଛି। ଏତଦ୍‌ବ୍ୟତୀତ ବିଭିନ୍ନ ସମୟରେ ଏକାଠି ବସି ଆଲୋଚନା କରିବା ଲାଗି ଏକ କନ୍‌ଫରେନ୍ସ ହଲ୍‌ର ବ୍ୟବସ୍ଥା ରହିଛି। ପୁରୁଷ ଓ ମହିଳା ଅଭିଯୁକ୍ତଙ୍କ ଲାଗି ଦୁଇଟି ଅଲଗା ହାଜତ ବ୍ୟବସ୍ଥା ରହିଛି। ଅଭିଭାବକଙ୍କ ସହ ଥାନାକୁ ଆସୁଥିବା ଶିଶୁମାନଙ୍କ ଖେଳକୁଦ ପାଇଁ ଶିଶୁଗୃହ ରହିଥିବାବେଳେ ମହିଳା ଓ ଶିଶୁ ଡେସ୍କର ମଧ୍ୟ ବ୍ୟବସ୍ଥା କରାଯାଇଛି।

ସେହିପରି ପଚରାଉଚରା କକ୍ଷ ଓ ମାଲଖାନା ପାଇଁ ସ୍ୱତନ୍ତ୍ର କୋଠରି ରହିଛି। ଅନ୍ୟପକ୍ଷରେ ଏହି ନବନିର୍ମିତ ଥାନା ଗୃହରେ ପୁଲିସ କର୍ମଚାରୀ ତଥା ସାଧାରଣ ଲୋକଙ୍କ ନିମନ୍ତେ ଅତ୍ୟାଧୁନିକ ଶୌଚାଳୟର ବ୍ୟବସ୍ଥା କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଦ୍ୱୈତ ନଗରୀର ପୁଲିସ କମିସନର ସଞ୍ଜୀବ ପଣ୍ଡା, ଅତିରିକ୍ତ ପୁଲିସ କମିସନର ଅବିନାଶ କୁମାର ଓ ଭୁବନେଶ୍ୱର ଡିସିପି ପ୍ରତୀକ ସିଂହଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## କୁଆଖାଇ ନଦୀବନ୍ଧ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

ହଂସପାଳ, ୧୩।୩(ସମିସ): ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା କୁଆଖାଇ ଦକ୍ଷିଣପାର୍ଶ୍ୱ ନଦୀବନ୍ଧରୁ ମଞ୍ଚେଶ୍ୱର ଗ୍ରାମ ଭାୟା ଗାଡ଼କଣ ରାସ୍ତା ନିର୍ମାଣ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଛି। ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ପ୍ରକଳ୍ପ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ କର୍ପୋରେଟର୍ ମିନୁଶ୍ରୀ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମତ୍ସ୍ୟ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ଏହି ରାସ୍ତା ହେବା ଦ୍ୱାରା ଚନ୍ଦ୍ରଶେଖରପୁର ଅଞ୍ଚଳକୁ ଗମନାଗମନ ସୁବିଧା ହେବା ସହ ଟ୍ରାଫିକ୍ ସମସ୍ୟାର ସମାଧାନ ହୋଇପାରିବ। ଏଥିସହ ମଞ୍ଚେଶ୍ୱର ରେଳ ଷ୍ଟେସନକୁ ଗମନାଗମନ ସୁଗମ ହୋଇପାରିବ ବୋଲି ବିଧାୟକ ସୁଶାନ୍ତ କୁମାର ରାଉତ କହିଛନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



ଭୁବନେଶ୍ୱର, ୧୩।୩ (ସମିସ): ରାଜଧାନୀ ଉପକଣ୍ଠ ସରକନ୍ତରା-ହାଟସାହି ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଶନିବାର ଠାରୁ ଆରମ୍ଭ ହୋଇଥିବା ଏହି ମହାଯଜ୍ଞର ପ୍ରଥମ ଦିନରେ ଅଙ୍କୁରାରୋପଣ ଓ ଶାଳା ମଣ୍ଡନ ହୋଇଥିବାବେଳେ ରବିବାର କଳସ ଯାତ୍ରା ହୋଇଥିଲା। ସୋମବାର ସୂର୍ଯ୍ୟ ପୂଜା, ଗୋ ପୂଜା ସର୍ବଦେବଦେବୀ ପୂଜା ଓ ଗୀତା ଆହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଚଣ୍ଡୀ ଆହୁତି ସହ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ବହୁ ଶ୍ରଦ୍ଧାଳୁ ସନ୍ଧ୍ୟାରେ ପୂର୍ଣ୍ଣାହୁତିରେ ଯୋଗ ଦେଇଥିଲେ। ପରେ ପରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ଅନ୍ତର୍ଜାତୀୟ ମହିଳା ଦିବସରେ ସମ୍ବର୍ଦ୍ଧନା ସଭା



ଭୁବନେଶ୍ୱର, ୧୩।୩(ସମିସ): ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇଏସ୍‌ଡି, ଗ୍ରାମ ଉତ୍‌ଥାନ ଓ ମହାଶକ୍ତି ଫାଉଣ୍ଡେସନର ମିଳିତ ସହଯୋଗରେ ଗୀତଗୋବିନ୍ଦ ସମ୍ମିଳନୀ କକ୍ଷରେ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନାଲ୍‌କୋ ମହିଳା ସମିତିର ସଭାପତି ସସ୍ମିତା ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାମାନଙ୍କର ସମାଜ ପ୍ରତି ବିଭିନ୍ନ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପୂର୍ବତନ ଆୟକର କମିସନର ଶରତ କୁମାର ଦାସ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ବର୍ଷା ପ୍ରିୟଦର୍ଶିନୀ, ପୁଷ୍ପା ପଣ୍ଡା, ଇତିଶ୍ରୀ କାନୁନ୍‌ଗୋ ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ଆୟୋଜକ ସଂସ୍ଥା ପକ୍ଷରୁ ନୋ ଓମେନ ଲେଫଟ୍ ବିହାଇଣ୍ଡ ନାମକ ଏକ ଅଭିଯାନର ଶୁଭାରମ୍ଭ ହୋଇଥିଲା। ଏହି ଅଭିଯାନ ରାଜ୍ୟସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ଚାଲିବ ବୋଲି ଆଇଏସ୍‌ଡିର ନିର୍ଦ୍ଦେଶିକା ଶୁଭଶ୍ରୀ ଦାସ ସୂଚନା ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିଥିବା ୧୦ ଜଣ ମହିଳା ଓ ୨ ଜଣ ପୁରୁଷଙ୍କୁ ସମ୍ମାନିତ କରାଯାଇଥିଲା। ଆଇଏସ୍‌ଡିର ସଭାପତି ନିବେଦିତା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ।

## ପୂଜ୍ୟପୂଜା ପକ୍ଷରୁ ଆଲୋଚନାଚକ୍ର

ଭୁବନେଶ୍ୱର, ୧୩।୩(ସମିସ): ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ବିମଳ କିଶୋର ମିଶ୍ରଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ପୂଜ୍ୟପୂଜା, ଓଡ଼ିଶା ପକ୍ଷରୁ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ବିରଜା ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଲେଖକ ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ଏହି ଆଲୋଚନଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ରାଜସ୍ୱ ପର୍ଷଦ ସଦସ୍ୟ ଡକ୍ଟର ଅରବିନ୍ଦ ବେହେରା, ବକ୍ତା ଓ ଆଲୋଚକ ଭାବେ ପର୍ଶୁରାମ ଦ୍ୱିବେଦୀ, ଡକ୍ଟର ଅଲେଖ ଚନ୍ଦ୍ର ପଡ଼ିଆରୀ, ପ୍ରଭାତ କୁମାର ନନ୍ଦ, ମିନତୀ ଷଡ଼ଙ୍ଗୀ, ଡ. ଆରତି କର, ଡ. ସିଦ୍ଧାର୍ଥ କାନୁନ୍‌ଗୋ, ଇଂ ଗଣେଶଚନ୍ଦ୍ର ପଣ୍ଡା, ସୀତାବଲ୍ଲଭ ମହାପାତ୍ର, ସୁକାନ୍ତ ପ୍ରଧାନ ଯୋଗ ଦେଇଥିଲେ। ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ନାଟ୍ୟ ମହୋତ୍ସବ: ତୃତୀୟ ସନ୍ଧ୍ୟାରେ 'ଶେଷ ସାକ୍ଷାତ'

ଭୁବନେଶ୍ୱର, ୧୩।୩(ସମିସ):

କଳିଙ୍ଗ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଆଜି ନାଟକ 'ଶେଷ ସାକ୍ଷାତ' ମଞ୍ଚସ୍ଥ ହୋଇଯାଇଛି। ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଥିବା ଏହି ନାଟକର ସଂଳାପ, ପ୍ରଚ୍ଛଦ ସଙ୍ଗୀତରେ ଗମ୍ଭୀର ହୋଇପଡୁଥିଲା ପୂରା ପରିବେଶ। ଦର୍ଶକଙ୍କ ଭିଡ଼ ଜମିଥିଲା। ମଞ୍ଚରେ ପରିବେଷିତ ହେଉଥିଲା ଶତାବ୍ଦୀର କଳାକାର ତରଫରୁ ଛବିଶତମ କଳିଙ୍ଗ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାର ତୃତୀୟ ନାଟକ। ଗୋପାଳ ଛୋଟରାୟଙ୍କ ରଚିତ ଗଳ୍ପକୁ ଅତି ନିଚ୍ଛକ ଭାବେ ନାଟ୍ୟରୂପ ଓ ନିର୍ଦ୍ଦେଶନାରେ ସଜେଇଥିଲେ ଡ.ଗୌରାଙ୍ଗ ଚନ୍ଦ୍ର ରାଉତ। ଇଣ୍ଟରଫେସ୍, ଭୁବନେଶ୍ୱର ଦ୍ୱାରା ପରିବେଷିତ ହୋଇଥିଲା 'ଶେଷ ସାକ୍ଷାତ'। ନାଟକରେ 'ସୀମା' ଓ 'ବିକାଶ'ଙ୍କ ନିଚ୍ଛକ ସମ୍ପର୍କର କାହାଣୀ ଉପରେ ପର୍ଯ୍ୟବସିତ ଏହି ନାଟକର ମୂଳ ଉତ୍ସ ହେଉଛି ପ୍ରସିଦ୍ଧ ନାଟ୍ୟକାର ସ୍ୱର୍ଗତଃ ଗୋପାଳ ଛୋଟରାୟଙ୍କ ରଚିତ ବେତାର ନାଟକ 'ସୀମା'। ଯାହା ୨୦୧୬ ମସିହାରେ ଆକାଶବାଣୀ କଟକ କେନ୍ଦ୍ରର ବେତାର ନାଟକ ଉତ୍ସବରେ ପ୍ରସାରିତ ହୋଇଥିଲା। ସେହି ମୂଳ ବେତାର ନାଟକ 'ସୀମା'ର କନ୍‌ସେପ୍ଟକୁ ଆଧାର କରି ଆଜିର ନାଟକ 'ଶେଷ ସାକ୍ଷାତ'। ସୀମା ଓ ବିକାଶର ନିଆରା ପ୍ରେମ କାହାଣୀ ପ୍ରଦର୍ଶିତ ହୋଇଥିଲା। ସେହିପରି ଆସନ୍ତାକାଲି ନାଟକ 'ହନୁର ଲାଞ୍ଜ' ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି।



## ଅପହୃତା ନାବାଳିକା ଉଦ୍ଧାର; ଜଣେ ଗିରଫ

ଭୁବନେଶ୍ୱର, ୧୩।୩(ସମିସ): ନାବାଳିକାଙ୍କୁ ଅପହରଣ ପରେ ଦୁଷ୍କର୍ମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି



ଖୋର୍ଦ୍ଧା ଜିଲ୍ଲା ପଙ୍ଗାରସିଂହ ଗାଁର ପବିତ୍ର ବଳିୟାରସିଂହ ଓରଫ ଚିଣ୍ଟୁ (୧୯)। ପୁଲିସ ସୂଚନା ଅନୁସାରେ, ଚିଣ୍ଟୁ ଗତ ଜାନୁୟାରୀ ମାସରେ ସହିଦନଗର ଥାନା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଅପହରଣ କରି ନେବା ସହିତ ଦୁଷ୍କର୍ମ କରିଥିଲା। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ସହିଦନଗର ଥାନାରେ ଅଭିଯୋଗ କରାଯିବା ପରେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଥିଲା। ପୁଲିସ ପୀଡ଼ିତା ନାବାଳିକାଙ୍କୁ ଉଦ୍ଧାର କରି ଡାକ୍ତରୀ ମାଇନା କରାଇଥିଲା। ଏଥିସହିତ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଆଜି ଚିଣ୍ଟୁକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

## ଆଜିଠୁ ଦୁବାଇରେ ଓଡ଼ିଆ ଜନଜାତି ଶିଳ୍ପୀଙ୍କ ଚିତ୍ର ପ୍ରଦର୍ଶନୀ

ଭୁବନେଶ୍ୱର, ୧୩।୩ (ସମିସ): ବିଦେଶ ମାଟିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ପକ୍ଷରୁ ଓଡ଼ିଆ ଜନଜାତିର ଚିତ୍ରଶିଳ୍ପୀଙ୍କ ଦ୍ୱାରା ଅଙ୍କିତ ଚିତ୍ର ପ୍ରଦର୍ଶନୀ ଆସନ୍ତା କାଲିଠାରୁ ଆରମ୍ଭ ହେବ। ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ଓଡ଼ିଶାର ୧୫ ଜଣ ଜନଜାତି ଶିଳ୍ପୀ ଦୁବାଇଠାରେ ଆଦିବାସୀ ଜୀବନଶୈଳୀ ସମ୍ପର୍କିତ ଚିତ୍ର ଅଙ୍କନରେ ନିମଗ୍ନ ଅଛନ୍ତି। ଆସନ୍ତା କାଲି ଦୁବାଇଠାରେ ଭାରତର କନ୍ସୁଲ ଜେନେରାଲ ସତୀଶ କୁମାର ଶିବମ, ଏକାଡେମୀର ସଭାପତି, ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ



ପ୍ରମୁଖ ଅତିଥି ଭାବେ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବେ। ପ୍ରଥମଥର ବିଦେଶ ମାଟିରେ, ଦୁବାଇଠାରେ ଓଡ଼ିଶାର ଜନଜାତି ଚିତ୍ରକଳା ଅଙ୍କନ କରୁଥିବାରୁ ଶିଳ୍ପୀଙ୍କୁ ପ୍ରଶଂସା କରୁଛନ୍ତି। ବିନୋଦିନୀ ସିଂହ, ସୁଜନ୍ମତି ଏକ୍କା, ଇନ୍ଦିରା ଗମାଙ୍ଗ, ସୁକୁମତି ଥିଉ, ସୌଭାଗ୍ୟ ମଞ୍ଜରୀ ମଲ୍ଲିକ, ସୁଭଦ୍ରା କରୱା, ଡଲି ଜାନୀ, ସୂର୍ଯ୍ୟଲତା ନାୟକ, ଭାରତୀ ଟୁଡୁ, କୁନେଶ ଗମାଙ୍ଗ, ରାଜେନ୍ଦ୍ର ସିଂ ଲାଗୁରି, ସନ୍ତୋଷ ସିଂ ଖୁଣ୍ଟିଆ, ଯୋଗୀ ଶବର, ସାମସନ୍ ଗମାଙ୍ଗ ଏବଂ ଅନୀଲ କେରକେଟା ପ୍ରମୁଖ ଶିଳ୍ପୀ ହ୍ୟାଟ୍ ପ୍ଲେସ୍ ଦୁବାଇ ଅଲ୍ ରିଗାଠାରେ ୩ ଦିନ ଧରି ଓଡ଼ିଶାର ସୌରା ଚିତ୍ର, ସାନ୍ତାଳ, କନ୍ଧ, ହୋ ଓ କୋଲ୍‌ହ ଆଦି ସମ୍ପ୍ରଦାୟର ଜୀବନଶୈଳୀ ସମ୍ପର୍କିତ ଚିତ୍ର ଅଙ୍କନ କରୁଛନ୍ତି। ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ଦ୍ୱାରା ଚିତ୍ରଶିଳ୍ପୀମାନେ ବିଦେଶରେ ଚିତ୍ରକଳା ଶିବିରରେ ଯୋଗଦେଇ ଚିତ୍ର କରିବା ସହିତ ନିଜ ନିଜ ଚିତ୍ରର ପ୍ରଦର୍ଶନ କରିବାର ସୁଯୋଗ ପାଉଥିବାରୁ ଅତ୍ୟନ୍ତ ଖୁସି ପ୍ରକଟ କରିଛନ୍ତି। ଏକାଡେମୀର ସଚିବ ପଞ୍ଚାନନ ସାମଲ ଶିବିରକୁ ପରିଚାଳନା କରିଛନ୍ତି।

## ଐତିହାସିକ ସଂଘର୍ଷର ବାର୍ତ୍ତା ଦେଉଛି 'ଧ୍ୱଜାକ୍ଷେତ୍ର'

ଭୁବନେଶ୍ୱର, ୧୩।୩(ସମିସ):

ନିକଟରେ ଚନ୍ଦ୍ରଶେଖରପୁର ମହାତ୍ମା ଗାନ୍ଧୀ ପାର୍କ ପରିସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି ଜାତୀୟ 'ଧ୍ୱଜାକ୍ଷେତ୍ର'। ଭାରତର ଜାତୀୟ ପତାକା ପ୍ରତି ସମ୍ମାନ ଉଦ୍ଦେଶ୍ୟରେ ୫ ହଜାର

### ୧୦୦ଫୁଟ୍ ଉଚ୍ଚରେ ଶୋଭାପାଉଛି ଜାତୀୟ ପତାକା

୬ଶହ ବର୍ଗ ମିଟର ପରିସୀମା ପରିବ୍ୟାପ୍ତ ଅଞ୍ଚଳରେ ନିର୍ମିତ ହୋଇଛି ଏହି ପ୍ଲାଜା। ଏଠାରେ ୧୦୦ଫୁଟ୍ ଉଚ୍ଚରେ ପତାକାକୁ ଅବସ୍ଥାପିତ କରାଯାଇଛି। ଏହି ପ୍ଲାଜା ବା ଧ୍ୱଜାକ୍ଷେତ୍ର ସଂଲଗ୍ନରେ ରହିଛି ଜାତୀୟ ପତାକାର ସୃଷ୍ଟି ଠାରୁ ଆରମ୍ଭ କରି ଏହାର ଐତିହାସିକ ସଂଘର୍ଷର ଏକ ସ୍ମରଣୀୟ ଗାଥା। ଯେଉଁଠି ଆଜି ପର୍ଯ୍ୟନ୍ତ ପରିବର୍ତ୍ତନ ହୋଇଥିବା ୬ଟି ଯାକ ଜାତୀୟ ପତାକାର ପ୍ରତିଚ୍ଛବି ରହିଛି। ଷ୍ଟେନ୍‌ଲେସ୍ ଷ୍ଟିଲ୍ ପ୍ଲେଟରେ ସଜ୍ଜିତ ବାଲୁକା ପଥର ପ୍ୟାନେଲଗୁଡ଼ିକରେ ଆଜି ପର୍ଯ୍ୟନ୍ତ ପରିବର୍ତ୍ତନ ହୋଇଥିବା ପତାକାଗୁଡ଼ିକୁ ୟୁଭି-ମୁଦ୍ରିତ କରି ପ୍ରଦର୍ଶନ



ହେଉଥିବାର ଦେଖିବାକୁ ମିଳୁଛି। ଯେଉଁଥିରେ ୧୯୦୬ରେ ସ୍ୱଦେଶୀ ଓ ଭାରତଛାଡ଼ ଆନ୍ଦୋଳନ ସମୟରେ ଭାରତର କୋଲକାତାସ୍ଥିତ ପାର୍ସି ବାଗାନରେ ଉତ୍ତୋଳନ କରାଯାଇଥିବା ପ୍ରଥମ ଜାତୀୟ ପତାକା ଠାରୁ ଆରମ୍ଭକରି ୧୯୪୭ ମସିହାରେ ସାମ୍ବିଧାନିକ ସଭାଦ୍ୱାରା ସ୍ୱାଧୀନ ଭାରତ ପାଇଁ ଆନୁଷ୍ଠାନିକ ଭାବେ ଗୃହୀତ ହୋଇଥିବା ତ୍ରିରଙ୍ଗା ପତାକା ପର୍ଯ୍ୟନ୍ତ ସମସ୍ତ ୬ଟି ପତାକା ଶୋଭାପାଉଛି। ଏହା ବ୍ୟତୀତ ପ୍ୟାନେଲଗୁଡ଼ିକରେ ସ୍ୱାଧୀନତା ଆନ୍ଦୋଳନର ଜାତୀୟ ତଥା ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀ ତଥା ଭଗତ ସିଂ, ଚନ୍ଦ୍ର ଶେଖର ଆଜାଦ, ସୁଭାଷ ଚନ୍ଦ୍ର ବୋଷ, ବାବାସାହେବ ଭୀମରାଓ ଆମ୍ବେଦକର, ଜବାହରଲାଲ ନେହରୁ, ଅବୁଲ କଲାମ ଆଜାଦ୍, ସରୋଜିନୀ ନାଇଡୁ, ବଲ୍ଲଭଭାଇ ପଟେଲ, ମହାତ୍ମା ଗାନ୍ଧୀ, ଲାଲା ଲଜପତ ରାୟ, ଲକ୍ଷ୍ମୀବାଈ ନେୱାଲକର, ଜୟକୃଷ୍ଣ ରାଜଗୁରୁ ମହାପାତ୍ର, ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ରେଣ୍ଡୋ ମାଝୀ, ସୁରେନ୍ଦ୍ର ସାଏ, ମଧୁସୂଦନ ଦାସ ଓ ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର, ଲକ୍ଷ୍ମଣ ନାୟକ, ରମାଦେବୀ ଚୌଧୁରୀ, ସରଳା ଦେବୀ ଓ ବିଜୁ ପଟ୍ଟନାୟକଙ୍କ ଚିତ୍ର ରହିଛି। ଭାରତୀୟ ସମ୍ବିଧାନ ସ୍ୱୀକୃତିପ୍ରାପ୍ତ ୨୨ଟି ସରକାରୀ ଭାଷାରେ 'ଜୟ ହିନ୍ଦ୍' ଲେଖା ହେବା ସହିତ ହିନ୍ଦୀ ଓ ଓଡ଼ିଆରେ ଜାତୀୟସଙ୍ଗୀତ ମଧ ଲେଖାଯାଇଛି। ଯାହା ଐତିହାସିକ ସଂଘର୍ଷର ଏକ ସୁନ୍ଦର ବାର୍ତ୍ତା ବହନ କରୁଛି। ଏଥିସହିତ ଗାନ୍ଧୀ ପାର୍କରେ ଲୋକ ବୁଲିବାକୁ ଆସି ଏହି ଧ୍ୱଜାକ୍ଷେତ୍ରକୁ ଦେଖିବାକୁ ଭିଡ଼ ଜମାଉଛନ୍ତି। ସକାଳ ୫ରୁ ରାତି ୯ ଯାଏଁ ସାଧାରଣ ଲୋକଙ୍କ ପାଇଁ ବିନା ମୂଲ୍ୟରେ ଏଠାରେ ବୁଲିବାର ସୁବିଧା ରହିଛି। କେବଳ ସେତିକି ନୁହେଁ ଏଥିରେ ଦେଶାତ୍ମବୋଧ ସଙ୍ଗୀତର ମୂର୍ଚ୍ଛନା ଜାତୀୟତା ଭାବ ସୃଷ୍ଟି କରୁଛି। ଜଳ ଫୁଆରାର ସୌନ୍ଦର୍ଯ୍ୟ ମଧ୍ୟ ନିଆରା। ଏହି ପ୍ଲାଜା କେବଳ ରାଜଧାନୀର ସାଂସ୍କୃତିକ ଅଭିବୃଦ୍ଧିକୁ ସମୃଦ୍ଧ କରୁନି ବରଂ ଦେଶର ଐତିହ୍ୟ ଓ ଜାତୀୟତା ବୋଧର ପ୍ରତୀକ ଭାବରେ ଗୌରବ ଗାଥା ବହନ କରୁଛି। ଏ ନେଇ ଏହି ପାର୍କର ତତ୍ତ୍ୱାବଧାରକ ଅଶୋକ କୁମାର ଧଳ କୁହନ୍ତି ସାଧାରଣ ଲୋକଙ୍କୁ ଐତିହାସିକ ସଂଘର୍ଷର ଏକ ସ୍ମରଣୀୟ ଗାଥା ବିଷୟରେ ଅବଗତ କରାଇବା ଏହି ପ୍ରୟାସ ପଛର କାରଣ। ଏହା ବ୍ୟତୀତ ଛାତ୍ରଛାତ୍ରୀ ତଥା ସ୍କୁଲ ପିଲାଙ୍କ ପାଇଁ ଏହା ବେଶ ଉପାଦେୟ ହେବ। ସେମାନେ ଏଠାରେ ବୁଲିବା ସହ ଇତିହାସ ସମ୍ପର୍କରେ ଅବଗତ ହୋଇପାରିବେ। ଅଭିଭାବକମାନେ ତାଙ୍କ ପିଲାଙ୍କୁ ଖାଲି ସମୟରେ ଏଠାକୁ ଆଣି ବୁଲାଇ ଦେଖାଇବା ଉଚିତ୍ ବୋଲି ସେ କହିଛନ୍ତି।




"ମୁଁ ଆଗରୁ ବି ଏଠାକୁ ଆସିଥିଲି ହେଲେ ଆଜି ପ୍ରଥମଥର ଧ୍ୱଜାକ୍ଷେତ୍ର ବୁଲିବାକୁ ଆସିଛି। ଏହା ସହ ଏକ ସୁନ୍ଦର ଅନୁଭୂତି ମିଳିଲା। ଇତିହାସର କିଛିଟା ନୂଆ କଥା ଜାଣିଲି, ଖୁସି ଲାଗିଲା।

**ରୋଜାଲିନ୍ ସାହୁ**
ଆର୍‌ଆଇଇ ଛାତ୍ରୀ

ଏହି ପାର୍କକୁ ମୁଁ ଆଗରୁ ଆସିନଥିଲି ହେଲେ ଧ୍ୱଜାକ୍ଷେତ୍ର ବିଷୟରେ ମୋ ସାଙ୍ଗମାନଙ୍କଠୁ ଶୁଣିଥିଲି। ଆଜି ଆସି ଧ୍ୱଜାକ୍ଷେତ୍ର ବୁଲିଲି। ଆମ ଜାତୀୟ ପତାକା ବିଷୟରେ ମଧ୍ୟ କିଛିଟା କଥା ଜାଣି ଖୁସି ଲାଗିଲା। ଏଠାକୁ ସମସ୍ତେ ଆସି ବୁଲିଯିବା ଉଚିତ।

**ମୋନାଲିସା ବାଇ**
ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ



# ସବୁଜିମାକୁ ଗିଳିଦେଉଛି ନଭଶ୍ଚୁମ୍ବୀ ଅଟ୍ଟାଳିକା

ଭୁବନେଶ୍ୱର, ୧୩।୩(ସମିସ):

ଦ୍ରୁତ ସହରୀକରଣ ଆଁରେ ଲୁଚି ଯିବାକୁ ବସିଲାଣି ରାଜଧାନୀର ଶସ୍ୟ ଶାମଳା ସବୁଜିମା। ଦିନେ ଯେଉଁ ଅଞ୍ଚଳ ସବୁଜ ଶସ୍ୟ କ୍ଷେତରେ ଭରପୂର ଥିଲା, ସେଠାରେ ଏବେ ଛିଡ଼ା ହୋଇଛି ନଭଶ୍ଚୁମ୍ବୀ ଅଟ୍ଟାଳିକା। ଏଥିରୁ ବାଦ୍ ପଡୁନି ରାଜଧାନୀ ଉପକଣ୍ଠରେ ଥିବା ଗାଁ। ସହରୀକରଣର ଗର୍ଭରେ ଲୁଚି ଯାଉଛି ଏହି ସବୁ ଗାଁ। ନଷ୍ଟ ହୋଇଯାଉଛି ଗାଁର ସବୁଜିମା ଓ ସୁରକ୍ଷିତ ପରିବେଶ। ଗାଁ ପରିବେଶର ଶୋଭାବର୍ଦ୍ଧନ କରୁଥିବା ଶସ୍ୟ ଶ୍ୟାମଳା ପରିବେଶରେ ତିଆରି ଚାଲିଛି ଗୋଟିଏ ପରେ ଗୋଟିଏ ଆପାର୍ଟମେଣ୍ଟ। ଏପରିକି ବିଲ୍ଡରମାନେ ଗାଁ ରାସ୍ତା, ପୁଷ୍କରିଣୀ ଓ ଶ୍ମଶାନକୁ ବି ଛାଡୁନାହାନ୍ତି। ଫୁଲର ବାସ୍ନାର ସ୍ଥାନ ନେଉଛି ସିମେଣ୍ଟ ଗୁଣ୍ଡ ଆଉ ଗାଡ଼ି ମଟରର କଳାଧୂଆଁ। ସବୁଆଡ଼େ ଖାଲି ଦେଖିବାକୁ ମିଳୁଛି ଉଚ୍ଚ ଅଟ୍ଟାଳିକା। ଚାଷୀଙ୍କୁ ପ୍ରଲୋଭିତ କରି ଜମି କିଣି ନେବା ପରେ ବିଲ୍ଡରମାନେ ନିର୍ମାଣ କରି ଚାଲିଛନ୍ତି ସେମାନଙ୍କ ପ୍ରକଳ୍ପ।

ଫଳରେ ଚାଷ ଜମି ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଏମିତିକି ଏକାଧିକ ଚାଷୀ ଚାଷ ଜମି ବିକ୍ରି କରିବାକୁ ଚାହୁଁ ନ ଥିବାବେଳେ ତାଙ୍କ ପାଖ ଜମି କିଣି ତାଙ୍କ ଜମିକୁ ଜୋର୍ ଜବରଦସ୍ତ କିଣିବାକୁ ବିଲ୍ଡରମାନେ ଚେଷ୍ଟା କରୁଛନ୍ତି। ଅର୍ଥବଳ, ବାହୁବଳ ଆଗରେ ହାର୍ ମାନି ବର୍ଷ ବର୍ଷର ବାପା ଅଜା ପୁରୁଷର ମାଟିକୁ ବିକ୍ରି ଲୁହ ନ କାନ୍ଦି ରକ୍ତ କାନ୍ଦୁଛନ୍ତି। ଏଭଳି ଘଟଣା ରାଜଧାନୀ ଉପକଣ୍ଠରେ ପ୍ରତିଦିନ ଘଟୁଛି। ବିଲ୍ଡରମାନେ ଯେପରି ଭାବେ ଚାଷଜମିକୁ ନିଜ ଅକ୍ତିଆରକୁ ଆଣୁଛନ୍ତି, ଭବଷ୍ୟତରେ ଏହା ରାଜଧାନୀ ପ୍ରତି ବଡ଼ ବିପଦ ଆଣିଦେବାର ଆଶଙ୍କା ଦେଖାଯାଉଛି।

ରାଜଧାନୀରେ ଏବେ ମାଳ ମାଳ ବିଲ୍ଡର। ରାଜଧାନୀର ଆଖପାଖରେ ଜମି ହାତେଇବାକୁ ଠକ ବିଲ୍ଡରମାନେ କଳବଳ କୌଶଳ ଲଗାଇ ଦେଉଛନ୍ତି। କିଛି ଅସାଧୁ ସରକାରୀ କର୍ମଚାରୀ ଓ ଗାଁ ଗଣ୍ଡାରେ ବୁଲୁଥିବା ଦଲାଲଙ୍କୁ ଧରି କିଣା ହେଉଛି ଚାଷ ଜମି। ରାଜଧାନୀ ନିକଟ ନଖରା, ବାଲିଅନ୍ତା, ବାଲିପାଟଣା, ରଘୁନାଥପୁର, ସୁନ୍ଦରପଦା, ପାତ୍ରପଡ଼ା, ତମାଣ୍ଡୋ, ଝାଁଳା, ଚନ୍ଦକା, ମେଣ୍ଢାଶାଳ ଆଦି ଅଞ୍ଚଳରେ ଚାଷ ଜମିର କିଣାବିକା ଚାଲିଛି। ପଞ୍ଜୀକରଣ କାର୍ଯ୍ୟାଳୟର ତଥ୍ୟ ଅନୁସାରେ, ଗତ ୫ବର୍ଷ ଭିତରେ ପାଖପାଖି ୭ହଜାର ଏକରରୁ ଊର୍ଦ୍ଧ୍ୱ ଜମି କିଣାବିକା ହୋଇଛି। ଏଥିରୁ ୭୦ ପ୍ରତିଶତ ବିଲ୍ଡରମାନଙ୍କ ନାଁରେ ରେଜେଷ୍ଟ୍ରି ହୋଇଥିବା ଜଣାପଡ଼ିଛି। ସେହିପରି ଭୁବନେଶ୍ୱର, ବାଲିଅନ୍ତା, ବାଲିପାଟଣା ଓ ଜଟଣୀ ବ୍ଲକରେ ୫ବର୍ଷ ଭିତରେ ପାଖାପାଖି ୯ହଜାର ହେକ୍ଟର ଚାଷ ଜମିର କିସମ ପରିବର୍ତ୍ତନ ହୋଇ ଘରବାରିକୁ ବଦଳିଥିବା ଜଣାପଡ଼ିଛି।



**ସବୁଜ ଶସ୍ୟ କ୍ଷେତରେ ବିରାଟ ଆପାର୍ଟମେଣ୍ଟ**

**ଜୋନ୍ ମାନୁନାହାନ୍ତି, ଜୋରଜବରଦସ୍ତ ଜମି କିଣୁଛନ୍ତି ବିଲ୍ଡର**

**ଅବାଧରେ ହେଉଛି କିସମ ପରିବର୍ତ୍ତନ**

ରିଅଲ-ଇଷ୍ଟେଟ୍ ବ୍ୟବସାୟ ରାଜଧାନୀର ସବୁଜିମା ନଷ୍ଟ କରିଛି। କ୍ଷେତରେ ବଡ଼ ବଡ଼ କୋଠା ମୁଣ୍ଡ ଟେକିଛି। ନୀତି ନିୟମକୁ ଉଲ୍ଲଂଘନ କରି ଜମିର କିସମ ପରିବର୍ତ୍ତନ କରାଯାଉଛି।

ଅନ୍ୟପକ୍ଷରେ ବିଡିଏ କର୍ତ୍ତୃପକ୍ଷ ରୋକିବାକୁ ନିୟମ ପରେ ନିମୟ କରି ଚାଲିଥିଲେ ହେଁ ଏମାନଙ୍କୁ ଚ୍ୟାଲେଞ୍ଜ କରି ବିଲ୍ଡରମାନେ ଗ୍ରୀନ୍ ଜୋନ୍, ରେଡ୍ ଜୋନ୍, ଓପନ ସ୍ପେସ୍ ୟୁଜ୍ ଜୋନ୍ ଆଦି ଅଞ୍ଚଳକୁ ବି କିଣାବିକା କରି ଦେଉଛନ୍ତି। ପ୍ରଶାସନ ସବୁ ଜାଣି ବି ନିଦାବିଷ୍ଣୁ ସାଜିଛି। ଏହି ସବୁ ଜୋନ୍‌ରେ ଘର କରିବା ପାଇଁ ପ୍ରାବଧାନ ନ ଥିଲେ ହେଁ ଜମି କିଣାବିକା ବେଳେ ଏଥିପ୍ରତି କୌଣସି ରୋକ୍ ଲାଗୁନି। ଏନେଇ ସରକାରଙ୍କ ପକ୍ଷରୁ କୌଣସି ନିୟମ ନ ଥିବାରୁ ଲୋକମାନେ ଏହି ସବୁ ଜୋନ୍‌ରେ ଜମି କିଣୁଛନ୍ତି। ବିଡିଏର ବିନା ପ୍ଲାନରେ ଘର କରି ରହୁଛନ୍ତି। ବିଡିଏ କର୍ତ୍ତୃପକ୍ଷ ମଧ୍ୟ ଏମାନଙ୍କୁ ଧରିବା ପାଇଁ କୌଣସି ବ୍ୟବସ୍ଥା କରୁନାହାନ୍ତି। ତେଣୁ ସରକାର ଏହା ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି କରାଯାଉଛି।

## ପାଇପ୍ ଫାଟି ୩୦ ଫୁଟ୍ ଉପରେ ପାଣି

ଭୁବନେଶ୍ୱର, ୧୩।୩ (ସମିସ): ଝାର୍‌ପଡ଼ାରୁ ଲକ୍ଷ୍ମୀସାଗର ରାସ୍ତା କଡ଼ରେ ୱାଟର୍ ଫାଉଣ୍ଟେନ୍‌ର ଭ୍ରମ। ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ନୁହେଁ ରାସ୍ତାଯାକ ଅନେକ ସ୍ଥାନରେ ୱାର୍ଟର ଫାଉଣ୍ଟେନ ଦେଖାଯାଇଥିଲା। ରାସ୍ତାକଡ଼ରେ ଯାଇଥିବା ୱାଟ୍‌କୋର ୨୪ ଘଣ୍ଟିଆ



**ରାସ୍ତାକଡ଼ରେ ୱାଟର୍ ଫାଉଣ୍ଟେନ୍‌ର ଭ୍ରମ**

ପାଇପ୍ ଫାଟିଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଟା ପାଇପ୍‌ରୁ ପାଣି ବାହାରି ପ୍ରାୟ ୩୦ରୁ ୩୫ଫୁଟ୍ ଉପରକୁ ଉଠିଯାଇ ତଳେ ପଡୁଥିଲା। ରାସ୍ତା ପାଣିରେ ଭାସୁଥିଲା। କିଛି ସ୍ଥାନରେ ପାଣି ସିଧାସଳଖ ବିଦ୍ୟୁତ୍ ସରବରାହ କେବୁଲରେ ଯାଇ ପଡୁଥିଲା। ଯାହା ରାସ୍ତାରେ ଯାଉଥିବା ଯାତ୍ରୀଙ୍କୁ ବିପଦ ସଙ୍କୁଳ ଅବସ୍ଥାକୁ ଠେଲି ଦେଉଥିଲା। ଏଭଳି ଦୃଶ୍ୟ ଦେଖି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲେ। ଲୋକେ ରାସ୍ତାରେ ଯିବା ଆସିବା କରିବା ବନ୍ଦ କରି ଦେଇଥିଲେ। ଦୋକାନ ବଜାର ବନ୍ଦ ହୋଇଗଲା। ୱାଟ୍‌କୋ କର୍ମଚାରୀ ଆସି ମରାମତି କରିଥିଲେ।

ମିଳିଥିବା ସୂଚନା ମୁତାବକ ଏହି ପାଣି ପାଇପ୍ ୩ ଫୁଟ୍ ତଳେ ଯାଇଥିଲା। ମଙ୍ଗଳବାର ଠାରୁ ୭ଟି ସ୍ଥାନରେ ପାଣି ଜକାଉଥିଲା। ବୁଧବାର ମୁଷଳ ଧାରାରେ ପାଣି ବାହାରି ଥିଲା। ତେବେ କିଛି ସମୟ ପାଇଁ ଜଳଯୋଗାଣ ବାଧାପ୍ରାପ୍ତ ହୋଇଥିଲା।

## ଆଇସିଏଆଇ ପାଳିଲା ମହିଳା ଦିବସ



ଭୁବନେଶ୍ୱର, ୧୩।୩ (ସମିସ): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍‌ସ୍ ଅଫ୍ ଇଣ୍ଡିଆ (ଭୁବନେଶ୍ୱର)ର ଇଆଇଆର୍‌ସି ନୂଆପଲ୍ଲୀ ଶାଖା ପକ୍ଷରୁ ଗତ୧୨ ତାରିଖରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଛି। ଯାହାର ଥିମ୍ ଥିଲା ଏକ୍ସିଲେନ୍ସ-୩୬୦। ମୁଖ୍ୟ ଅତିଥି ଭାବେ ସମ୍ ଅଲଟିମେଟ୍ ମେଡିକେୟାର୍ ହସ୍ପିଟାଲର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଡଃ ଶ୍ୱେତପଦ୍ମା ଦାସ ଯୋଗଦେଇଥିଲା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ଦିପ୍ତୀ ରେଖା ପାଢ଼ୀ, ସଙ୍ଗୀତଜ୍ଞ ସୋହିନୀ ମିଶ୍ର, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ(ସିଏ) ଡ଼ଃ ବିଜୟ ଭଟ୍ଟ, ସିଏ ଜାନବୀ ଦେଓ, ସିଏ ମହେନ୍ଦ୍ର କୁମାର ସାହୁ, ସିଏ ଡ଼ଃ ଗୌତମ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ମହିଳାମାନଙ୍କ ଉଦ୍ଦେଶ୍ୟରେ ବିଶ୍ୱସ୍ତରୀୟ ସମ୍ମିଳନୀ, ଆଲୋଚନାଚକ୍ର, କର୍ମଶାଳା ଆୟୋଜନ କରାଯାଉଛି। ଉକ୍ତ କର୍ଯ୍ୟକ୍ରମର ଆୟୋଜନରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍(ସିଏ) ପ୍ରଦୀପ କୁମାର ସାହୁ, ସିଏ ରଞ୍ଜନ କୁମାର ପୃଷ୍ଟି, ଗଗନ ବିହାରୀ ଦାସ, ସିଏ ସାସ୍ୱତୀ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରାଚୀ ଏନ୍‌କ୍ଲେଭ୍ କଲୋନୀର ବାର୍ଷିକ ସାଧାରଣ ବୈଠକ

ଭୁବନେଶ୍ୱର, ୧୩।୩ (ସମିସ): ଚନ୍ଦ୍ରଶେଖରପୁରସ୍ଥିତ ପ୍ରାଚୀ ଏନ୍‌କ୍ଲେଭ୍ କଲୋନୀର ବାର୍ଷିକ ସାଧାରଣ ବୈଠକ ସ୍ଥାନୀୟ ବାସିନ୍ଦାମାନଙ୍କର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ୱେଲଫେଆର୍ ଆସୋସିଏସନ୍‌ର ସଭାପତି ଇଂ ଭଗବାନ ସାହୁଙ୍କର ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସନ୍ତୋଷ କୁମାର ଦାସ , ଉପ ସଭାପତି ବିଜୟ କୁମାର ସାହୁ ତଥା କୋଷାଧ୍ୟକ୍ଷା ପାର୍ବତୀ ଦାଶ କଲୋନୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ପୂର୍ବତନ ପୁଲିସ ଡିଜି ସତ୍ୟଜିତ୍ ମହାନ୍ତି, ଭୁବନେଶ୍ୱର ମହାନଗର ନିଗମର ପୂର୍ବତନ ସ୍ମାର୍ଟସିଟି ଇଞ୍ଜିନିୟର ଅରୁଣ କୁମାର ନାୟକ ଏବଂ ବର୍ତ୍ତମାନ କାର୍ଯ୍ୟରତ ସ୍ମାର୍ଟ ସିଟି ଇଞ୍ଜିନିୟର ବିଳାସ କୁମାର ବେହେରାଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜୀବନଚର୍ଯ୍ୟାରେ କାଉନ୍‌ସେଲରଙ୍କ ଗୁରୁଦାୟିତ୍ୱ ରହିଛି

ଭୁବନେଶ୍ୱର, ୧୩।୩ (ସମିସ): ଏଚ୍‌ଆଇଭି ଏଡ୍‌ସ ସଂକ୍ରମଣ ନିୟନ୍ତ୍ରଣ ଏବଂ ଯୁବବର୍ଗଙ୍କୁ ସୁସ୍ଥ ଜୀବନ ଯାପନ କରିବାକୁ ପ୍ରବର୍ତ୍ତାଇବା ପାଇଁ ରେଡ୍ ରିବନ କ୍ଲବର କାଉନ୍‌ସେଲର (ଅଧ୍ୟାପକ)ମାନଙ୍କର ଗୁରୁଦାୟିତ୍ୱ ରହିଛି। ଓସାକ୍ସ ଦ୍ୱାରା ଆୟୋଜିତ ଏହି ଦିନିକିଆ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସ୍ୱାଗତ ଅଭିଭାଷଣ ଦେଇ ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଡକ୍ରସ ସୋସାଇଟି ସଚିବ ବିଭୂତି ଭୂଷଣ ପଟ୍ଟନାୟକ କହିଥିଲେ ଯେ, ସବୁ କ୍ଷେତ୍ରରେ ଯୁବଗୋଷ୍ଠୀ ଭୂମିକା ପ୍ରଶଂସନୀୟ। ଏହି ଅବସରରେ ଯୁବ ରେଡକ୍ରସ ଅଧିକାରୀ ରମେଶ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମସ୍ତ କାଉନସେଲରମାନଙ୍କୁ ଯୁବଗୋଷ୍ଠୀଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ୮୦ରୁ ଅଧିକ କାଉନସେଲର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠ ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ଯୁବ ରେଡ୍‌କ୍ରସର ରାଜ୍ୟ କୋଅର୍ଡିନେଟର ଗୋପାଳକୃଷ୍ଣ ମିଶ୍ର, ଓସାକ୍ସର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଡିଏସ୍ ଅରବିନ୍ଦ, ଅତିରିକ୍ତ ନିର୍ଦ୍ଦେଶକ ଇଂ ଅଜୟ କୁମାର ପାତ୍ର, ଅତିରିକ୍ତ ନିର୍ଦ୍ଦେଶକ ସ୍ମୃତି ସାଗରିକା କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ଥିଲେ।

## ଏକାମ୍ରରେ ୧୦ କୋଟିର ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ



ଭୁବନେଶ୍ୱର, ୧୩।୩(ସମିସ): ବୁଧବାର ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନମ୍ବର ୫୭ ବଡ଼ଗଡ଼ ବ୍ରିଟ୍ କଲୋନୀରେ ୪.୫କୋଟି ଟଙ୍କାରେ ହେବାକୁଥିବା ୧୩ଟି ରାସ୍ତା ଓ ଡ୍ରେନକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ମେୟର୍ ସୁଲୋଚନା ଦାସ ଶିଳାନ୍ୟାସ କରିଛନ୍ତି। ସେହିପରି ୬ଟି ରାସ୍ତା ଓ ଡ୍ରେନ୍‌ର ଉଦ୍‌ଘାଟନ କରିଥିଲେ। ପରେ ଇଟିପୁର ଗ୍ରାମପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୫.୫କୋଟି ଟଙ୍କାର ବିକିପୁର ସେତୁକୁ ମନ୍ତ୍ରୀ ଶ୍ରୀ ପଣ୍ଡା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର୍ ମଞ୍ଜୁଲତା କହଁର, ଜିଲ୍ଲା ପରିଷଦ ସଭ୍ୟ ସୁବାସ କୁମାର ସୁନ୍ଦରାୟ, କର୍ପୋରେଟର୍ ସନ୍ତୋଷ ସିଂ, ଅଜିତ୍ ବେହେରା, ସରପଞ୍ଚ ଅନିତା ସୁବୁଦ୍ଧି, ଅଞ୍ଚଳବାସୀ ନୃସିଂହ ସ୍ୱାଇଁ, ରଞ୍ଜିତ ସୁବୁଦ୍ଧି, ଅକ୍ଷୟ ବରାଳ, ଗଜେନ୍ଦ୍ର ବେହେରା, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୁବାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାଚୀନ କଳାକେନ୍ଦ୍ର ପକ୍ଷରୁ 'ସଙ୍ଗୀତ ବାହାର'

ଭୁବନେଶ୍ୱର, ୧୩।୩ (ସମିସ): 'ପ୍ରାଚୀନ କଳାକେନ୍ଦ୍ର' ଚଣ୍ଡୀଗଡ଼ ଦ୍ୱାରା ଆୟୋଜିତ ସଙ୍ଗୀତ ନୃତ୍ୟ କାର୍ଯ୍ୟକ୍ରମ 'ସଙ୍ଗୀତ ବାହାର' ଭଞ୍ଜକଳା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କର୍ଣ୍ଣେଲ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ପଦ୍ମବିଭୂଷଣ ସୁଦର୍ଶନ ସାହୁ ଯୋଗ ଦେଇଥିଲେ। ପ୍ରାଚୀନ କଳାକେନ୍ଦ୍ରରେ ଅନୁବନ୍ଧିତ ଓଡ଼ିଶାର ସମସ୍ତ ସଙ୍ଗୀତାନୁଷ୍ଠାନର ନିୟନ୍ତ୍ରକ ବ୍ୟୋମକେଶ ଜେନା ପ୍ରାଚୀନ କଳାକେନ୍ଦ୍ର ତରଫରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ସଭାକାର୍ଯ୍ୟ ପରେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଗୁରୁ ସଙ୍ଗୀତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରଥମେ ସୁମେଧା ମିଶ୍ର ଓ ଓମ୍ ପ୍ରକାଶ ପଣ୍ଡା ଓଡ଼ିଶୀ ପରିବେଶଣ କରିଥିଲେ। ଗୁରୁ ଶିବ ପ୍ରସାଦ ଚାନ୍ଦ, ଜ୍ୟୋତିର୍ମୟୀ ମହାପାତ୍ର ଯୋଗ ଦେଇଥିବାବେଳେ ମୃତ୍ୟୁଞ୍ଜୟ ରଥ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ନାମ କୀର୍ତ୍ତନରେ ସାମିଲ ହେଲେ ୩୦ ସଂକୀର୍ତ୍ତନ ମଣ୍ଡଳୀ

ବାଲିପାଟଣା, ୧୩।୩ (ସମିସ): ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ ସରାଟ ମୌଜାର ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱରଙ୍କ ପୀଠରେ ୧୪ତମ ୨୪ ପ୍ରହର ଅଖଣ୍ଡ ନାମ ସଂକୀର୍ତ୍ତନ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଶିବରାତ୍ରି ଓ ଜାଗର ଅମାବାସ୍ୟାରେ କଳସସ୍ଥାପନ ଓ ଶୁଭାଧିବାସ ହୋଇଥିଲା। ଦାସ ପୁରୁଷୋତ୍ତମପୁର, ଜାଗେଶ୍ୱର, ଅଲଣ୍ଡା, ସିରିପାରୀ, କାଶୀପୁର, ମହୁଖଣ୍ଡା, କାଶିଆ ଶାସନ, ନୂଆପଡ଼ା, ସରାଟ, ବିଶ୍ୱନାଥପୁର, ପଦ୍ମପୁର, କେତକୀ ପାଟଣା, ଭଗବାନ ସୁନ୍ଦରା, ନୂଆପାଟଣା, ନିରାକାରପୁର, ବେରୁଆ ଶାସନ, କଣାସ ପ୍ରଭୃତି ଅଞ୍ଚଳରୁ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। କର୍ତ୍ତା ଭାବେ ଠାକୁର ପ୍ରସାଦ ଜେନା ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସୋମବାର ସନ୍ଧ୍ୟାରେ ଆଳତୀ ଦର୍ଶନ ଓ ନାମ କୀର୍ତ୍ତନରେ ଯୋଗଦେଇ ୧୫ହଜାରରୁ ଅଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ମଙ୍ଗଳବାର ନଗର ସଂକୀର୍ତ୍ତନ ଓ ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଏଥିରେ ସରାଟ ଗ୍ରାମ ସହିତ ବନ୍ତପୁର, ସରାଟ୍ ଜାଗିରି, ସରାଟ ଶାସନ, ବଢ଼େଇ ସାହି, ଚଣାହାଟ ଓ ଆଖପାଖ ଅନ୍ୟ ଗ୍ରାମର ଲୋକେ ସହଯୋଗ କରିଥିଲେ। ମହାଦେବଙ୍କ ପୂଜକ ପ୍ରାଣକୃଷ୍ଣ ପଣ୍ଡା, ରବି ନାରାୟଣ ପଣ୍ଡା, କଲ୍ୟାଣ କୁମାର ପଣ୍ଡା, ମାନସ ପଣ୍ଡା, ଅରୁଣ ପଣ୍ଡା, ଅମୀୟ ଭୂଷଣ ପଣ୍ଡା, ତୁଷାର ରଞ୍ଜନ ପଣ୍ଡା ପ୍ରମୁଖ ପୂଜାକାର୍ଯ୍ୟ ତୁଲାଇ ଥିଲେ। କର୍ମକର୍ତ୍ତା ସତ୍ୟଜିତ ରାୟ, ବସନ୍ତ କୁମାର ଦାଶ, ଅବକାଶ ସ୍ୱାଇଁ, ସଞ୍ଜୟ ବେହେରା, ରବୀନ୍ଦ୍ର ଜେନା, ଶିବ ପ୍ରସାଦ ଜେନା, ମାନସ ଜେନା, ଅରବିନ୍ଦ ସ୍ୱାଇଁ, ରାଜେଶ ପଣ୍ଡା, ମୋହନ ପଣ୍ଡା, ନରହରି ବେହେରା, କାହ୍ନୁ ଚରଣ ବେହେରା ସହଯୋଗ କରିଥିଲେ।

## ପ୍ରତିଶ୍ରୁତି ପରେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ



ଭୁବନେଶ୍ୱର, ୧୩।୩ (ସମିସ): ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଅସ୍ଥାୟୀ ଠିକା ସଫେଇ କର୍ମଚାରୀମାନେ ତିନିଦିନ ଧରି ଝାଡୁବନ୍ଦ ଆନ୍ଦୋଳନ ଜାରି ରଖିଥିଲେ। ସଫେଇ ମଜଦୁର ସଂଘ ପକ୍ଷରୁ ଚାଲିଥିବା ଏହି ଆନ୍ଦୋଳନକୁ ବୁଧବାର ପ୍ରତ୍ୟାହାର କରି ନିଆଯାଇଛି। ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ଠାରୁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକୁ ପ୍ରତ୍ୟାହାର କରି ନିଆଯାଇଛି ବୋଲି ସଂଘର ସାଧାରଣ ସମ୍ପାଦକ ସହଦେବ ନାୟକ କହିଛନ୍ତି। ସକାଳୁ ପୂର୍ବଭଳି କାର୍ଯ୍ୟରେ ଯୋଗଦେବା ପାଇଁ ଶ୍ରୀ ନାୟକ କର୍ମକର୍ତ୍ତାମାନଙ୍କୁ ଅନୁରୋଧ କରିଛନ୍ତି।

ଆନ୍ଦୋଳନ ଯୋଗୁଁ ରାଜଧାନୀରେ ଅଳିଆ ସମସ୍ୟା ଜଟିଳ ହୋଇପଡ଼ିଥିଲା। ଏହାକୁ ଦୃଷ୍ଟିରେ ରଖି ସକାଳେ ମେୟରଙ୍କ ବାସଭବନରେ ସଫେଇ କର୍ମୀଙ୍କ ଦୁଇ ଦଫା ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ମେୟରଙ୍କ ସମେତ ଏହି ବୈଠକରେ

**ପୃଥକୀକରଣ ପାଇଁ ୧୫ ଦିନ ମଧ୍ୟରେ ବିକଳ୍ପ ବ୍ୟବସ୍ଥା**

ଅତିରିକ୍ତ କମିସନର୍ ଶୁଭେନ୍ଦୁ ସାହୁ ଓ ବିଏମ୍‌ସି ନେତୃବୃନ୍ଦଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ସେମାନଙ୍କ ଦରମା ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅବଗତ ଅଛନ୍ତି। କେବଳ ବିଏମ୍‌ସି ନୁହେଁ ରାଜ୍ୟରେ ସମସ୍ତ ପୌରାଞ୍ଚଳରେ କାର୍ଯ୍ୟ କରୁଥିବା ଶ୍ରମଜୀବୀଙ୍କ ଦରମା ବୃଦ୍ଧି ପାଇବାକୁ ଯାଉଛି ବୋଲି ମେୟର୍ କହିଥିଲେ। ଏଥିପାଇଁ ଶ୍ରୀମତୀ ଦାସ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଏହାସହ ଅଳିଆ ପୃଥକୀକରଣ ପାଇଁ ବିଏମ୍‌ସି ପକ୍ଷରୁ ସଂଘର କର୍ମକର୍ତ୍ତାମାନଙ୍କୁ ୧୫ ଦିନିଆ ସମୟ ମଗାଯାଇଥିଲା। ଏହି ସମୟ ମଧ୍ୟରେ ବିଏମ୍‌ସି ବିକଳ୍ପ ବ୍ୟବସ୍ଥା କରିବ ବୋଲି ମେୟର୍ କହିବା ପରେ ସଂଘର କର୍ମକର୍ତ୍ତା ଧାରଣା ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଆସନ୍ତା ୨ଦିନ ମଧ୍ୟରେ ଦରମା ବୃଦ୍ଧି ନ ହେଲେ କିମ୍ବା ଦେଇଥିବା ପ୍ରତିଶ୍ରୁତି ପୂରଣ ନ କଲେ ସଂଘ ପୁଣି ଧାରଣାକୁ ଉହ୍ଲାଇବ ବୋଲି ଶ୍ରୀ ନାୟକ କହିଛନ୍ତି।

# କାରାଗାରରୁ ହେଉଛି ନିଶା କାରବାର

ଭୁବନେଶ୍ୱର, ୧୩।୩ (ସମିସ):

ଜେଲ୍ ଭିତରେ ବେଧଡ଼କ ଚାଲିଥିଲା ଧଳାଜହର କାରବାର। ଜେଲ୍‌ରେ ରହୁଥିବା ନିଶା ମାଫିଆଙ୍କ ଗୋଟିଏ ଫୋନ୍ କଲ୍‌ରେ ଠିକଣା ଜାଗାରେ ପହଞ୍ଚି ଯାଉଛି ନିଶାଦ୍ରବ୍ୟ। ଜେଲ୍‌ରେ ଜାମର୍ ନ ଥିବାରୁ ଏବଂ ନିୟମିତ ଜେଲ୍ ଯାଞ୍ଚ ହେଉ ନ ଥିବାରୁ ମାଫିଆମାନେ ଚଲାଇଛନ୍ତି ନିଶା କାରବାର। ସେମାନେ ଜେଲ୍ ଭିତରେ ରହି ସେଠାରୁ ଫୋନ୍ ମାଧ୍ୟମରେ କରୁଛନ୍ତି ଅପରେଟ୍। ଜେଲ୍ ବାହାରେ ଥିବା ସେମାନଙ୍କ ପିଲା କରୁଛନ୍ତି କାରବାର। କେଉଁଠୁ କେଉଁଠିକି ନିଶାଦ୍ରବ୍ୟ ଯିବ ଓ କିଏ ନେଇ ଯିବ ସବୁ କିଛି ବୁଝୁଥିଲା ଖୋର୍ଦ୍ଧା ଜେଲ୍‌ରେ ରହୁଥିବା ସଞ୍ଜୟ ପ୍ରଧାନ ଓରଫ ସଞ୍ଜୁ। ବିଶେଷ କରି ଅଧିକ କଏଦୀ ଥିବା ଜେଲ୍‌କୁ ସେ ଟାର୍ଗେଟ କରୁଥିଲା। ଭୁବନେଶ୍ୱରରୁ ଆରମ୍ଭ କରି ପୁରୀ, ଖୋର୍ଦ୍ଧା, କଟକ, ଭଦ୍ରକ, ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପର୍ଯ୍ୟନ୍ତ ତା'ର ନେଟ୍‌ୱର୍କ ବ୍ୟାପିଥିବା ପୁଲିସ ତଦନ୍ତ ଜାଣିବାକୁ ପାଇଛି। ସେ ଜେଲ୍‌ରୁ ଥିବାରୁ ପୁଲିସ ତା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ପାରୁ ନ ଥିଲା। ନିଶା କାରବାର କରୁଥିବା ତା'ର ସହଯୋଗୀଙ୍କ ଫୋନ୍ ନମ୍ବରକୁ ଟ୍ରାକିଂ କଲେ ସେ ଜେଲ୍ ଭିତରୁ ଫୋନ୍ କଲ୍ ଆସିଥିବା ଲୋକେସନ୍ ଦେଖାଉଥିଲା। ଜେଲ୍‌ରେ ଥିବାରୁ ସଞ୍ଜୁ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁପାରୁ ନ ଥିଲା। ସଞ୍ଜୁ ଓ ତା'ର ସହଯୋଗୀ ଜେଲ୍ ଭିତରେ ରହିବା ସହ ଚଳାଇଥିଲେ ବ୍ରାଉନ୍‌ସୁଗର ନେଟୱର୍କ। ଖୋର୍ଦ୍ଧା ପୁଲିସ ଏହି ମାମଲାରେ ଆଉ ୭ ଜଣଙ୍କୁ ଗିରଫ କରିବା ପରେ ପୂରା ଘଟଣା ପଦାକୁ ଆସିଛି। ଖୋର୍ଦ୍ଧାର ଏହି ନିଶା ମାଫିଆର ଲିଙ୍କ୍ ଜଣାପଡ଼ିବା ପରେ ସଞ୍ଜୁ ଉପରେ ଏବେ ଏସ୍‌ଟିଏଫ୍‌ର ନଜର। ସେ କେଉଁ କେଉଁ ସ୍ଥାନକୁ ତା'ର ରାକେଟ୍ ଲମ୍ବିଛି ସେନେଇ ମଧ୍ୟ ଏସ୍‌ଟିଏଫ ଖୋଳତାଡ଼ କରିବ। ଆବଶ୍ୟକ ପଡ଼ିଲେ ଏସ୍‌ଟିଏଫ୍‌ର ଅଧିକାରୀମାନେ ଜେଲ୍‌କୁ ଯାଇ ସଞ୍ଜୁକୁ ପଚରାଉଚରା କରିବେ ବୋଲି ଏସ୍‌ଟିଏଫର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଆହୁରି ମଧ୍ୟ ସଞ୍ଜୁର ସମ୍ପତ୍ତି ଉପରେ ମଧ୍ୟ ନଜର ରଖାଯାଇଛି। ସେ ଡ୍ରଗ୍ସ କାରବାର କରି କେତେ ଟଙ୍କା ଆୟ କରିଛି, ସେନେଇ ଖୋଳତାଡ଼ କରାଯାଉଛି। ଯଦି ଏହି ଡ୍ରଗ୍ସ କାରବାର ଟଙ୍କାରେ ସେ ସମ୍ପତ୍ତି ଅର୍ଜନ କରିଥିବେ, ତାହା ହେଲେ ତାଙ୍କର ସମ୍ପତ୍ତିକୁ ଜବତ କରାଯିବ।




ସଞ୍ଜୁ ଏବଂ ତା'ର ସହଯୋଗୀ ଚଳାଉଥିଲେ ବେଧଡ଼କ ଧଳାଜହରର କାରବାର। କିନ୍ତୁ ଗୋଟିଏ ମୋବାଇଲ ଫୋନ୍ ସବୁ କଳାକାରନାମାର ପର୍ଦ୍ଦାଫାସ କରିଦେଲା। ଜେଲ୍ ଭିତରେ ମୋବାଇଲ ଫୋନରେ ନିଜ ଲୋକଙ୍କୁ ନିର୍ଦ୍ଦେଶ ଦେଉଥିଲେ, ଆଉ ଧଳାଜହର ବେପାର ଚଳାଉଥିଲେ। ମାମଲାରେ ୭ଜଣଙ୍କୁ ଗିରଫ କରିଛି ଖୋର୍ଦ୍ଧା ପୁଲିସ। ଘଟଣାରେ ପ୍ରଥମେ ୪ ଜଣଙ୍କୁ ଗିରଫ କରିଥିଲା ପୁଲିସ। ସେମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା ପରେ ଆଉ ୯ଟି ମୋବାଇଲ ଜବତ ହୋଇଥିଲା। ଜେଲ୍ ଭିତରୁ ବ୍ରାଉନ୍‌ସୁଗର ମାଫିଆ ସଞ୍ଜୁ ଓ ମିକି ମୋବାଇଲରେ ନିର୍ଦ୍ଦେଶ ଦେଇ ବ୍ରାଉନ୍‌ସୁଗାର ନେଟୱର୍କ ଚଳାଉଥିଲେ। ଏହିଭଳି ଜେଲ୍ ଭିତରକୁ ନିଶାଦ୍ରବ୍ୟ ଏବଂ ମୋବାଇଲ୍ ଫୋନ୍ ଯାଉଥିବାରୁ ଜେଲ୍ ବିଭାଗ ମଧ୍ୟ କଡ଼ା ପଦକ୍ଷେପ ନେଇଛି। ଗଠନ କରାଯାଇଥିବା ଟିମ୍‌କୁ ପୁଣି ଥରେ ସକ୍ରିୟ ହୋଇ ଚଢ଼ଉ କରିବାକୁ କୁହାଯାଇଛି। ଫଳରେ ଜେଲ୍‌କୁ ଯାଇଥିବା ନିଶା ଦ୍ରବ୍ୟ ଏବଂ ମୋବାଇଲ୍ ଫୋନ୍‌କୁ ଟ୍ରାକିଂ କରାଯିବ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୨.୭୫ • ପାଉଣ୍ଡ ୧୦୬.୮୯
- ୟୁରୋ ୯୦.୩୮ • ୟେନ୍ ୦.୫୬

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୦,୭୩୦ (ନୂଆଦିଲ୍ଲୀ)
- ରୁପା : ୭୬,୨୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୭୬୧.୦୦
- ନିଫ୍ଟି ୨୧,୯୯୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



### ସେବି ଅଧ୍ୟକ୍ଷାଙ୍କ ବୟାନରେ ଷ୍ଟକ୍ ବଜାର ଧରାଶାୟୀ

# ଦିନକରେ ଗଲା ମାସକର ରୋଜଗାର

ମୁମ୍ବଇ,୧୩।୩(ଏଜେନ୍ସି)

ଘରୋଇ ପୁଞ୍ଜିବଜାର ଉପରୁ କଳା ବାଦଲ ହଟୁନାହିଁ। କ୍ରମାଗତ ଭାବେ ସପ୍ତାହ ଆରମ୍ଭଠାରୁ ତିନି ଦିନ ଧରି ଷ୍ଟକ୍ କାରବାର ନିମ୍ନଗାମୀ ରହିଛି। ଆଜି ବୁଧବାର ଘରୋଇ ଷ୍ଟକ୍ ବଜାରକୁ ଲାଗିଛି ବଡ଼ ଝଟ୍‌କା। ବୁଧବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୯୦୦ ପଏଣ୍ଟରୁ ଅଧିକ ହ୍ରାସ ଘଟିଛି। ବଜାରରେ ଦେଖିବାକୁ ମିଳିଥିବା ଏହି ହ୍ରାସ ଯୋଗୁ ଦିନ ଯାକର କାରବାରରେ ନିବେଶକଙ୍କର ପ୍ରାୟ ୧୫ ଲକ୍ଷ କୋଟି ଟଙ୍କା ଡୁବିଯାଇଛି। ସେବି ଅଧ୍ୟକ୍ଷାଙ୍କ ଗୋଟିଏ ବୟାନ୍ ଆଜି ଷ୍ଟକ୍ ବଜାରକୁ ଧରାଶାୟୀ କରିଛି।

ବୁଧବାର କାରବାରରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୯୦୬.୦୭ ପଏଣ୍ଟ ହ୍ରାସ ଘଟିଥିବାବେଳେ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ

**ସେନ୍‌ସେକ୍ସ ୯୦୦ ପଏଣ୍ଟରୁ ଅଧିକ ଖସିଲା**

**ନିବେଶକ ହରାଇଲେ ୧୫ ଲକ୍ଷ କୋଟି**

**ମିଡ୍ କ୍ୟାପ୍ ଓ ସ୍ମଲ୍ କ୍ୟାପ୍ ଷ୍ଟକ୍ ଅଧିକ ପ୍ରଭାବିତ**



୩୩୦ ପଏଣ୍ଟ ହ୍ରାସ ଘଟିଛି। ଆଜିର କାରବାରରେ ପାୱାରଗ୍ରୀଡ, ଏନଟିପିସି, ଟାଟା ଷ୍ଟିଲ, ଭାରତୀ ଏୟାରଟେଲ, ଟାଇଟନ କମ୍ପାନୀ ଓ ଟାଟା ମୋଟର୍ସ ଭଳି କମ୍ପାନୀର ଶେୟାର ରେ ବୃହତ୍ ହ୍ରାସ ଯୋଗୁ ଘରୋଇ ଇକ୍ୟୁଟି ବେଞ୍ଚମାର୍କ ସୂଚକାଙ୍କ ସେନସେକ୍ସ ଏବଂ ନିଫ୍ଟି ଧରାଶାୟୀ ହୋଇଛି।

ଆଜି ବଜାର କାରବାର ଆରମ୍ଭ ହେବା ମାତ୍ରକେ ସେନସେକ୍ସ ୧୦୦୦ ପଏଣ୍ଟ ହ୍ରାସ ଘଟିଥିବାବେଳେ ନିଫ୍ଟି ୩୫୦ ପଏଣ୍ଟ ହ୍ରାସ ପାଇଥିଲା। ଦିନର କାରବାର ପ୍ରାରମ୍ଭରୁ ମିଡ୍ କ୍ୟାପ ଏବଂ ସ୍ମଲ୍ କ୍ୟାପ୍ ଷ୍ଟକ୍‌ଗୁଡିକ ହ୍ରାସ ସହିତ ଆରମ୍ଭ ହୋଇଥିଲା। ଏହି ହ୍ରାସ ଯୋଗୁ ମୋଟ ୨୨୩ ଷ୍ଟକ୍ ସେମାନଙ୍କର ୫୨ ସପ୍ତାହର ସର୍ବନିମ୍ନ ସ୍ତରରେ ପହଞ୍ଚିଛନ୍ତି, ଯାହା ବଜାରରେ ପ୍ରଚଳିତ ବ୍ୟାପକ ନକାରାତ୍ମକ ଭାବନାକୁ ଦର୍ଶାଉଛି। କେବଳ ୮୯ଟି ସେୟାର ବିଏସଇରେ ୫୨ ସପ୍ତାହର ସର୍ବୋଚ୍ଚ ସ୍ତରରେ ପହଞ୍ଚିବାରେ ସଫଳ ହୋଇଛି। ବୁଧବାର କାରବାରରେ ବ୍ୟାଙ୍କିଙ୍ଗ, ଅଟୋ, ଆଇଟି, ଫାର୍ମା, ମେଟାଲ, ମିଡିଆ, ଶକ୍ତି, ଇନଫ୍ରା, ସ୍ୱାସ୍ଥ୍ୟସେବା, ଉପଭୋକ୍ତା ସ୍ଥାୟୀ ଏବଂ ତୈଳ ଏବଂ ଗ୍ୟାସ କ୍ଷେତ୍ରର ସେୟାରରେ ଅଧିକ ହ୍ରାସ ଘଟିଛି। ରିପୋର୍ଟ ଅନୁଯାୟୀ ନିବେଶକମାନେ ୧୪ ଲକ୍ଷ କୋଟି ଟଙ୍କାର କ୍ଷତି ସହିଛନ୍ତି। ପୂର୍ବ ଅଧିବେଶନର ମୂଲ୍ୟ ୩୮୫.୭୪ ଲକ୍ଷ କୋଟିରୁ ଆଜି ନିବେଶକଙ୍କ ସମ୍ପତ୍ତି ୩୭୧.୬୯ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି।

ବୁଧବାର କାରବାର ଆରମ୍ଭ ସମୟରୁ ସେବି ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍ ବୟାନ ଜାରି କରି ମିଡ୍ କ୍ୟାପ ଏବଂ ସ୍ମଲ୍ କ୍ୟାପ୍ କମ୍ପାନୀଗୁଡିକର ଶେୟାର ମୂଲ୍ୟରେ ହେରଫେର ଆଶଙ୍କା କରୁଥିବା କହିଥିଲେ। ତାଙ୍କର ଏହି ବୟାନ ପରେ ସକାଳୁ ବୃଦ୍ଧି ସହ ଆରମ୍ଭ ହୋଇଥିବା ଘରୋଇ ପୁଞ୍ଜି ବଜାର କାରବାର ମାତ୍ର କିଛି ସମୟ ମଧ୍ୟରେ ଧରାଶାୟୀ ହୋଇଯାଇଥିଲା। ଏହାଫଳରେ ସେନ୍‌ସେକ୍ସ ୭୨,୭୬୧.୮୯ ପଏଣ୍ଟରେ ବନ୍ଦ ହୋଇଥିବାବେଳେ ନିଫ୍ଟି ୨୧,୯୯୭.୭୦ ପଏଣ୍ଟରେ କାବରାର ଶେଷ କରିଥିଲା। ଏଥିଯୋଗୁ ନିବଶେକମାନେ ମାସକର ରୋଜଗାର ଦିନକରେ ହରାଇଦେଇଛନ୍ତି।

## 'ଟାଇମ୍ସ ୱିମେନ୍ ଆଚିଭର୍ସ ଅଫ୍ ଓଡ଼ିଶାରେ ପ୍ରଫେସର ଡଃ ରେଖା ଦାସ ସମ୍ମାନିତ




**ଭୁବନେଶ୍ୱର,୧୩।୩(ସମିସ):** ଆଚାର୍ଯ୍ୟ ହରିହର ପିଜିଆଇ କ୍ୟାନ୍‌ସର ହସ୍ପିଟାଲରେ ମେଡିକାଲ ସୁପରିଟେଣ୍ଡେଣ୍ଟ୍ ଓ ଆଇସିୟୁ ଇନ୍‌ଚାର୍ଜ ଏବଂ ଶାନ୍ତି ମେମୋରିଆଲ ହସ୍ପିଟାଲର ନିର୍ଦ୍ଦେଶିକା ପ୍ରଫେସର ଡଃ ରେଖା ଦାସଙ୍କୁ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ 'ଟାଇମ୍ସ ୱମେନ ଆଚିଭର୍ସ ଅଫ୍ ଓଡିଶା ୨୦୨୪'ରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଦ ଟାଇମ୍ସ ଗ୍ରୁପ୍ ପକ୍ଷରୁ ଭିନ୍ନ ଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ସଫଳତାକୁ ସ୍ୱୀକୃତି ପ୍ରଦାନ କରିବା ଓ ସମ୍ମାନିତ କରିବା ପାଇଁ ଆୟୋଜନ କରାଯାଇଛି। ଡଃ ରେଖା ଦାସଙ୍କୁ କ୍ରିଟିକାଲ କେୟାର କ୍ଷେତ୍ରରେ ତାଙ୍କର ଅତୁଳନୀୟ ଯୋଗଦାନ ପାଇଁ ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଦିବ୍ୟା ଦତ୍ତାଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଡଃ ରେଖା ଦାସ ଏହି କାର୍ଯ୍ୟକ୍ରମର ସ୍ୱାସ୍ଥ୍ୟସେବା ସମ୍ପର୍କିତ ଆଲୋଚନାରେ ଜଣେ ପ୍ୟାନେଲିଷ୍ଟ ଭାବେ ମଧ୍ୟ ଯୋଗଦେଇଥିଲେ। ପ୍ରଫେସର ଡଃ ରେଖା ଦାସ ଜଣେ ଇନ୍ଟେନ୍ସିଭ କେୟାର ଏକ୍ସପର୍ଟ। ଇଣ୍ଡିଆନ ସୋସାଇଟି ଅଫ୍ ଆନାସ୍ଥେସିଓଲୋଜିଷ୍ଟର ପୂର୍ବତନ ଅଧ୍ୟକ୍ଷା ଏବଂ ଆଇଏସ୍ଏ ନ୍ୟାସନାଲର ବର୍ତ୍ତମାନର ଗଭର୍ଣ୍ଣିଂ କାଉନ୍‌ସିଲ ସଦସ୍ୟ ଥିବା ଡଃ ରେଖା ଦାସ ଦ ଇଣ୍ଡିଆନ ସୋସାଇଟି ଅଫ୍ କ୍ରିଟିକାଲ କେୟାର ମେଡିସିନର କଟକ ଶାଖାର ପ୍ରତିଷ୍ଠାତା ଓ ପୂର୍ବତନ ସଚିବ।

## ଷ୍ଟାର୍ଟଅପ୍ ଓଡ଼ିଶା ଫ୍ଲୋ ଉଇ-ପିଚ୍ ଇନୋଭେସନ୍ ଚ୍ୟାଲେଞ୍ଜ ପ୍ରତିଯୋଗିତା

**ଭୁବନେଶ୍ୱର, ୧୩।୩(ସମିସ):** ଫିକି ଫ୍ଲୋର ସହଯୋଗରେ ଷ୍ଟାର୍ଟଅପ୍ ଓଡିଶା, ଓଡ଼ିଶାରେ ମହିଳା ଉଦ୍ୟୋଗୀଙ୍କୁ ସଶକ୍ତିକରଣ ଏବଂ ଉତ୍ସବ ପାଳନ କରିବା ଉଦ୍ଦେଶ୍ୟରେ ଏକ ଫ୍ଲୋ ଉଇ-ପିଚ୍ ଇନୋଭେସନ୍ ଚ୍ୟାଲେଞ୍ଜ ପ୍ରତିଯୋଗିତାର ଆୟୋଜନ କରିଥିଲା। ମହିଳା ଦିବସକୁ ସ୍ମରଣୀୟ କରିବା ପାଇଁ ଓ-ହବରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଦୂରଦୃଷ୍ଟିସମ୍ପନ୍ନ ମହିଳାମାନଙ୍କ ପାଇଁ ସେମାନଙ୍କର ଅଭିନବ ଚିନ୍ତାଧାରା ଏବଂ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ଜୀବନ୍ତ ପ୍ଲାଟଫର୍ମ ପ୍ରଦାନ କରିଥିଲା। ଷ୍ଟାର୍ଟଅପ୍ ଓଡିଶା ଏବଂ ଫାଲକନ୍ ରିଏଲ୍ ଇଷ୍ଟେଟ୍ ପରି ସହଭାଗୀମାନଙ୍କ ସହଯୋଗରେ ଫ୍ଲୋ ଉଇ-ପିଚ୍ ଇନୋଭେସନ୍ ଚ୍ୟାଲେଞ୍ଜ ପ୍ରତିଯୋଗିତା ଅଂଶଗ୍ରହଣକାରୀମାନଙ୍କୁ ନଗଦ ପୁରସ୍କାର, ଫେଲିସିଟେସନ୍, ଭିଜିବିଲିଟି ଏବଂ ଇନ୍‌କ୍ୟୁବେସନ ପାଇଁ ସୁଯୋଗ ସହିତ ଅନେକ ସୁବିଧା ପ୍ରଦାନ କରିଥିଲା। ଏହି କାର୍ଯ୍ୟକ୍ରମରେ ଷ୍ଟାର୍ଟଅପ୍ ଓଡିଶାର କାର୍ଯ୍ୟନିର୍ବାହୀ ଚେୟାରମ୍ୟାନ୍ ଡକ୍ଟର ଓମକର ରାୟ, ଓବେରାଇ ଆତିଥ୍ୟର ପରିଚାଳନା ନିର୍ଦ୍ଦେଶକ ସାଭିନ୍ କୌର ଓବେରାଇଙ୍କ ପରି ସମ୍ମାନିତ ମାନ୍ୟଗଣ୍ୟ ବ୍ୟକ୍ତି ତଥା ସୁତାର ସହ-ପ୍ରତିଷ୍ଠାତା ସୁଜାତା ବିଶ୍ୱାସ ସମେତ ଫ୍ଲୋ ଭୁବନେଶ୍ୱରର ଅନ୍ୟ ମାନ୍ୟଗଣ୍ୟ ସଦସ୍ୟମାନଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା।



# 'ଟୟୋଟା ହାଇଲକ୍ସ' ଆଡଭେଞ୍ଚର ଡ୍ରାଇଭ୍



କ୍ୟାପିଟାଲ ଟୟୋଟା



ଇସ୍ପିରିଟ୍ ଟୟୋଟା

**ଭୁବନେଶ୍ୱର,୧୩।୩(ସମିସ):** ଦେଶର ଅନ୍ୟତମ ଅଗ୍ରଣୀ ଅଟୋମୋବାଇଲ କମ୍ପାନୀ ଟୟୋଟା ପକ୍ଷରୁ ଏହାର ବହୁ ପ୍ରତିକ୍ଷୀତ ମଡେଲ 'ଟୟୋଟା ହାଇଲକ୍ସ'ର ଆଡଭେଞ୍ଚର ଡ୍ରାଇଭ୍ ବା ଦୁଃସାହାସିକ ଗାଡ଼ି ଚାଳନା କଳା ପ୍ରଦର୍ଶନୀ ସାରା ଦେଶରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡିଆଠାରେ ଟୟୋଟାର ସ୍ୱୀକୃତିପ୍ରାପ୍ତ ଡିଲର କ୍ୟାପିଟାଲ ଟୟୋଟା, ଇସ୍ପିରିଟ୍ ଟୟୋଟା ଏବଂ ନୀଲମ୍ ଟୟୋଟାକୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାହକମାନେ 'ଟୟୋଟା ହାଇଲକ୍ସ'ର ଅତ୍ୟାଧୁନିକ ଟେକ୍ନୋଲୋଜି ଏବଂ ଅପ୍-ଟୁ-ଡେଟ୍ ବୈଶିଷ୍ଟ୍ୟଗୁଡିକ ସମ୍ପର୍କରେ ଅବଗତ ହୋଇଥିଲେ। ଏହି ଅବସରରେ ଟୟୋଟା କିର୍ଲୋସ୍କାର ମୋଟରର ଆର୍‌ଏମ୍ ଅନିମେଶ ନାଗ, ଏଫ୍‌ଏସ୍‌ଏମ୍ ଚୟନ ସରକାର, ଗର୍ଗସନ୍ ଗ୍ରୁପ ଅଧ୍ୟକ୍ଷ ସତୀଶ ଗର୍ଗ, କ୍ୟାପିଟାଲ ଟୟୋଟାର ପରିଚାଳନା ନିର୍ଦ୍ଦେଶକ ସିଦ୍ଧାର୍ଥ ଗର୍ଗ ଏବଂ ଜିଏମ୍ ଚମ୍ପକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି 'ଟୟୋଟା ହାଇଲକ୍ସ'ର ଏହି ଆଡଭେଞ୍ଚର ଡ୍ରାଇଭ୍‌ରେ ଇସ୍ପିରିଟ୍ ଟୟୋଟା ପକ୍ଷରୁ ଭିପି ସତୀର୍ଥ ନାୟକ ଏବଂ ମାର୍କେଟିଂ ମ୍ୟାନେଜର ହରି ଚରଣ ସିହ୍ନା ଉପସ୍ଥିତ ଥିଲେ। ଏହି ତିନି ଦିନିଆ ସ୍ୱତନ୍ତ୍ର ଆଡଭେଞ୍ଚର ଡ୍ରାଇଭ୍ କଳା ପ୍ରଦର୍ଶନୀ ଅଭିଜ୍ଞ ତଥା ଦକ୍ଷ ଗାଡ଼ି ଚାଳକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। 'ଟୟୋଟା ହାଇଲକ୍ସ' ଆଡଭେଞ୍ଚର ଡ୍ରାଇଭ୍‌କୁ ଗ୍ରାହକଙ୍କୁ ଆଡୁ ବେଶ ଭଲ ରେସପନ୍ସ ମିଳିଥିଲା।

### ଏଆଇକୁ ନେଇ ଏଲନ୍ ମସ୍କଙ୍କ ଭବିଷ୍ୟବାଣୀ

## ମଣିଷଠାରୁ ଅଧିକ ସ୍ମାର୍ଟ ହୋଇଯିବ ଏଆଇ

**ନୂଆଦିଲ୍ଲୀ,୧୩।୩(ଏଜେନ୍ସି):** ଟେସଲା ଏବଂ ସ୍ପେସଏକ୍ସର ସିଇଓ ଏଲନ୍ ମସ୍କ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଅର୍ଥାତ ଏଆଇକୁ ନେଇ ଭବିଷ୍ୟବାଣୀ କରିଛନ୍ତି। ମସ୍କଙ୍କ କହିବାନୁଯାୟୀ, ଆସନ୍ତା ବର୍ଷ ପର୍ଯ୍ୟନ୍ତ ଏଆଇ ଯେକୌଣସି ଏକ ମଣିଷ ଠାରୁ ଅଧିକ ସ୍ମାର୍ଟ ହୋଇଯାଇପାରେ। ମସ୍କ ଏହାର ଉତ୍ତର ଏକ ଭିଡିଓ କ୍ଲିପରେ ଦେଇଛନ୍ତି, ଯେଉଁଥିରେ ଏଆଇକୁ ହ୍ୟୁମ୍ୟାନ ଇଣ୍ଟେଲିଜେନ୍ସ ଲେବଲ ପର୍ଯ୍ୟନ୍ତ ପହଞ୍ଚାଇବା କଥା କୁହାଯାଇଛି । ଏକ ଭିଡିଓରେ କୁହାଯାଇଛି ଯେ, ୨୦୨୯ ପର୍ଯ୍ୟନ୍ତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ରିଅଲିଟି ହୋଇଯିବ। ଏଥିସହ ସେଥିରେ କୁହାଯାଇଛି ଯେ, ବର୍ତ୍ତମାନ ଆମେ ସେହି ସ୍ତରପର୍ଯ୍ୟନ୍ତ ପହଞ୍ଚିପାରିନାହୁଁ। ଏଆଇ ଆସନ୍ତା ବର୍ଷ ପର୍ଯ୍ୟନ୍ତ ଯେକୌଣସି ବ୍ୟକ୍ତିଙ୍କଠାରୁ ଅଧିକ ସ୍ମାର୍ଟ ହୋଇଯିବ ।

## ଅବହେଳିତ ବର୍ଗର ୧ ଲକ୍ଷ ଉଦ୍ୟୋଗୀଙ୍କୁ ଋଣ ସହାୟତା ମଞ୍ଜୁର

**ନୂଆଦିଲ୍ଲୀ,୧୩।୩(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅବହେଳିତ ବର୍ଗଙ୍କୁ ଋଣ ସହାୟତା ପାଇଁ ଦେଶବ୍ୟାପୀ ଜନସମ୍ପର୍କ ସ୍ଥାପନ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଛନ୍ତି। ଏଥିସହିତ ପ୍ରଧାନମନ୍ତ୍ରୀ ସାମାଜିକ ଉତ୍‌ଥାନ ଏବଂ ରୋଜଗାର ଆଧାର ଜନକଲ୍ୟାଣ (ପିଏମ-ସୁରଜ) ଜାତୀୟ ପୋର୍ଟାଲ ଉନ୍ମୋଚନ କରିବା ସହ ଦେଶର ଅବହେଳିତ ବର୍ଗର ଏକ ଲକ୍ଷ ଉଦ୍ୟୋଗୀଙ୍କୁ ଋଣ ସହାୟତା ମଞ୍ଜୁର କରିଛନ୍ତି। ଏହି ଅବସରରେ ସେ ଅନୁସୂଚିତ ଜାତି, ଅବହେଳିତ ବର୍ଗ ଓ ସଫେଇ କର୍ମଚାରୀଙ୍କ ସମେତ ପଛୁଆ ବର୍ଗର ବିଭିନ୍ନ ସରକାରୀ ଯୋଜନାର ହିତାଧିକାରୀଙ୍କ ସହ ମତ ବିନିମୟ କରିଥିଲେ।

ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଡିଜିଟାଲ ସକ୍ଷମ କରି ସେଗୁଡ଼ିକୁ ସଶକ୍ତ କରିବାକୁ ସରକାର ରଖିଛନ୍ତି। ଜନଧନ, ମୁଦ୍ରା, ପିଏମ୍ ଆବାସ ଏବଂ ଉଦ୍ୟୋଗ ବିକାଶ ଯୋଜନା ଭଳି ଯୋଜନା ପଛୁଆ ରହିଥିବା ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିଛି ବୋଲି ସେ କହିଛନ୍ତି। କୃଷି କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରିବାକୁ ଚେଷ୍ଟା କରୁଥିବା ନୂତନ ଉଦ୍ୟୋଗଗୁଡ଼ିକୁ ସରକାରୀ ଯୋଜନାର ଲାଭ ଉଠାଇବାକୁ ସେ ଅନୁରୋଧ କରିଥିଲେ। ଆଜିର ଏହି ଅବସର ଗରିବ ଲୋକଙ୍କୁ ପ୍ରାଥମିକତା ଦେବା ପାଇଁ ସରକାରଙ୍କ ପ୍ରତିବଦ୍ଧତାର ଝଲକ ପ୍ରଦାନ କରୁଛି। ଭାରତର ୫୦୦ଟି ଜିଲ୍ଲାର ଅବହେଳିତ ବର୍ଗର ୧ ଲକ୍ଷ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ୭୨୦ କୋଟି ଟଙ୍କାର ଆର୍ଥିକ ସହାୟତା ସ୍ଥାନାନ୍ତର କରିବା ବିଷୟରେ ଉଲ୍ଲେଖ କରି ସେ କହିଥିଲେ, ପୂର୍ବ ସରକାରମାନଙ୍କ ସମୟରେ ଡିବିଟିର ଏଭଳି ବ୍ୟବସ୍ଥା ଅକଳ୍ପନୀୟ ଥିଲା। ୨୦୪୭ ସୁଦ୍ଧା ବିକଶିତ

## ଭାରତ-ୟୁଏଇ ଆନ୍ତଃସରକାରୀ ବ୍ୟବସ୍ଥା ରାଜିନାମା

**ନୂଆଦିଲ୍ଲୀ,୧୩।୩(ଏଜେନ୍ସି):** ଭାରତ-ମଧ୍ୟପ୍ରାଚ୍ୟ ୟୁରୋପ୍ ଆର୍ଥିକ କରିଡର୍ (ଆଇଏମ୍‌ଇସି)ର ସଶକ୍ତିକରଣ ଓ ପରିଚାଳନା ପାଇଁ ଭାରତ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟରେ ଆନ୍ତଃସରକାରୀ ବ୍ୟବସ୍ଥା ରାଜିନାମା (ଆଇଜିଏଫଏ) ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏହାକୁ ପିଛିଲା ଭାବେ ମଞ୍ଜୁରି ମିଳିଛି। କରିଡର ପରିଚାଳନା ପାଇଁ ସହଯୋଗ ଉପରେ ଉଚ୍ଚସ୍ତରୀୟ ଗସ୍ତ ସମୟରେ ଭାରତ ଏବଂ ୟୁଏଇ ମଧ୍ୟରେ ୧୩ ଫେବୃଆରୀରେ ଆଇଜିଏଫଏ ସ୍ୱାକ୍ଷରିତ ହୋଇଥିଲା। ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି କରିବା ଏବଂ ବନ୍ଦର, ସାମୁଦ୍ରିକ ଏବଂ ଲଜିଷ୍ଟିକ୍ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଆଇଜିଏଫ୍‌ଏର ଲକ୍ଷ୍ୟ। ଆଇଏମଇସିର ବିକାଶ କ୍ଷେତ୍ରରେ ଭବିଷ୍ୟତର ମିଳିତ ପୁଞ୍ଜିନିବେଶ ଏବଂ ସହଯୋଗର ଅଧିକ ସମ୍ଭାବନା ଖୋଜିବା ଉଦ୍ଦେଶ୍ୟରେ ଦୁଇ ଦେଶ ମଧ୍ୟରେ ସହଯୋଗର କ୍ଷେତ୍ରଗୁଡ଼ିକୁ ଆଇଜିଏଫ୍‌ଏରେ ସାମିଲ କରାଯାଇଛି।

**ଭାରତ-ମଧ୍ୟପ୍ରାଚ୍ୟ ୟୁରୋପ ଆର୍ଥିକ କରିଡର ପରିଚାଳନା**

## ବେଦାନ୍ତର ପଞ୍ଛି ସ୍ୱପ୍ନୋ କା ଉଡାନ୍ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୧୩।୩(ସମିସ):** ଖଣି ଅଞ୍ଚଳର ବାଳିକାଙ୍କ ସ୍ୱପ୍ନରେ ଡେଣା ଲଗାଇଛି ବେଦାନ୍ତ। ସେମାନଙ୍କ ସ୍ୱପ୍ନ ଏବେ ସାକାର ହେବାକୁ ଯାଉଛି। କମ୍ପାନୀର ଜାମକାନି କୋଇଲା ଖଣି ପ୍ରକଳ୍ପ ତରଫରୁ ଏଥିପାଇଁ ଅନୁଷ୍ଠିତ ହୋଇଛି 'ପଞ୍ଛି –ସପ୍ନୋ କା ଉଡାନ୍' କାର୍ଯ୍ୟକ୍ରମ। ଏହି ଯୋଜନାରେ ଖଣି ଅଞ୍ଚଳରେ ଶିକ୍ଷିତ ଯୁବତୀଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଦେବା ସହିତ ଯେଉଁମାନେ କୌଣସି କାରଣରୁ ଅଧାରୁ ପାଠପଢା ଛାଡିଛନ୍ତି ସେମାନଙ୍କୁ ଉଚ୍ଚଶିକ୍ଷାର ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯିବ। ବାଳିକାଙ୍କ ସ୍ୱପ୍ନ ପୂରଣ ପାଇଁ ଅନୁଷ୍ଠିତ ବେଦାନ୍ତର ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜାମକାନି ଖଣି ଅଞ୍ଚଳର ଗିରିସୀମା, ଜାମକାନି, ଝାରପଲମ, ମେଣ୍ଡ୍ରା ଗାଁର ୧୬ଜଣ ବାଳିକା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ଦାଶରଥି ସରାବୁ ଯୋଗଦେଇ ବାଳିକାମାନଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। ବେଦାନ୍ତ ଖଣି ବିଭାଗ ସିଇଓ ଭି.ଶ୍ରୀକାନ୍ତ ଯୋଗଦେଇ ବିସ୍ଥାପିତ ପରିବାରର ବାଳିକାମାନଙ୍କ ଉଜ୍ୱଳ ଭବିଷ୍ୟତ ଗଢିବା ସହିତ ସେମାନଙ୍କ ସ୍ୱପ୍ନ ପୂରଣ ପାଇଁ କମ୍ପାନୀର ଅଧ୍ୟକ୍ଷ ଅନୀଲ ଅଗ୍ରୱାଲଙ୍କ ଏହି ଅଭିନବ କାର୍ଯ୍ୟକ୍ରମ ବେଶ୍ ସହାୟକ ହେବ ବୋଲି କହିଥିଲେ। କମ୍ପାନୀର ମାନବ ସମ୍ବଳ ମୁଖ୍ୟ ଆଶିଷ କୁମାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ବେଦାନ୍ତର କସିକ ଯାଦବ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ସଙ୍ଗୀତା ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଥିବା ବାଳିକାମାନଙ୍କୁ ବେଦାନ୍ତ ପକ୍ଷରୁ ଶିକ୍ଷା କିଟ୍ ପ୍ରଦାନ କରାଯାଇଥିଲା। ବାଳିକାମାନେ ମଧ୍ୟ ବେଦାନ୍ତ ସହାୟତାରେ ଉଚ୍ଚତର ଶିକ୍ଷା ଗ୍ରହଣ କରିବାକୁ ଯାଉଥିବାରୁ ବେଶ୍ ଆନନ୍ଦ ପ୍ରକାଶ କରିଥିଲେ।

### ଫାର୍ମାସ୍ୟୁଟିକାଲ୍ କମ୍ପାନୀ ପାଇଁ ନୂଆ ମାର୍କେଟିଂ କୋଡ୍ ଜାରି

# ଡାକ୍ତର ନେଇପାରିବେନି ମହଙ୍ଗା ଉପହାର

ନୂଆଦିଲ୍ଲୀ,୧୩।୩(ଏଜେନ୍ସି)

ଏଣିକି ଆଉ ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡିକ ଡାକ୍ତରମାନଙ୍କୁ ମହଙ୍ଗା ଉପହାର ଦେଇପାରିବେନାହିଁ। ଏହାଛଡା ସେମାନଙ୍କୁ ମାଗଣା ବିଦେଶ ଭ୍ରମଣରେ ମଧ୍ୟ ନେଇପାରିବେ ନାହିଁ। ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡିକର ମାର୍କେଟିଂର ଏହି ପଦ୍ଧତି ଉପରେ କଟକଣା ଲଗାଇବାକୁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତି ଚଳାଇଛନ୍ତି। ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡିକ ପାଇଁ ସରକାର ଏକ ସାଧାରଣ ମାର୍କେଟିଂ କୋଡ୍ ଜାରି କରିଛନ୍ତି।

ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କୋଡ୍ ଅନୁଯାୟୀ, ଡ୍ରଗ୍ ମାର୍କେଟିଂ କମ୍ପାନୀଗୁଡିକ ବର୍ତ୍ତମାନ ଡାକ୍ତରମାନଙ୍କୁ କୌଣସି ପ୍ରକାର ଉପହାର ଦେଇପାରିବେନାହିଁ କିମ୍ବା ସେମାନେ ସେମାନଙ୍କର ବିଦେଶ ଯାତ୍ରା ପାଇଁ ପାଣ୍ଠି ଯୋଗାଇ ପାରିବେନାହିଁ। ଏହା କରିବା ବେଆଇନ ହେବ। କେବଳ ଏତିକି ନୁହେଁ, ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡିକ ସ୍ୱାସ୍ଥ୍ୟ ବୃତ୍ତିଗତ ଯଥା ଡାକ୍ତରମାନଙ୍କୁ କର୍ମଶାଳା ନାମରେ ବିଦେଶ ଭ୍ରମଣ କରିବାକୁ ପଠାଇପାରିବେ ନାହିଁ କିମ୍ବା ସେମାନେ ବିଦେଶ ଯାତ୍ରା ସମୟରେ ହୋଟେଲ ରହିବା ଖର୍ଚ୍ଚ ବହନ କରିପାରିବେନାହିଁ। ସାଧାରଣ ମାର୍କେଟିଂ କୋଡ୍ ଅନୁଯାୟୀ ଏହିପରି ସମସ୍ତ ଅଭ୍ୟାସ ବେଆଇନ ବୋଲି ଧରାଯିବ। କୋଡ୍ ଅନୁଯାୟୀ, ସ୍ୱାସ୍ଥ୍ୟ ସେବା ବୃତ୍ତିଗତଙ୍କୁ କୌଣସି ପ୍ରକାରର ଉପହାର କିମ୍ବା ବ୍ୟକ୍ତିଗତ ଲାଭ ଦେବା ସମ୍ପୂର୍ଣ୍ଣ ନିଷେଧ।



ଯଦି ଏହି କୋଡ୍ ଲାଗୁ ହୁଏ ତେବେ ଏହା ସାଧାରଣ ଲୋକଙ୍କ ଉପରେ ବହୁତ ପ୍ରଭାବ ପକାଇବ। ବର୍ତ୍ତମାନ ଦେଶର ଅନେକ ଡାକ୍ତର, ବିଶେଷକରି ଘରୋଇ ଡାକ୍ତରଖାନା କିମ୍ବା ଘରୋଇ ଅଭ୍ୟାସରେ ଚିକିତ୍ସିତ ହେଉଥିବା ବ୍ୟକ୍ତିମାନେ ସାଧାରଣ ଲୋକଙ୍କୁ ବ୍ରାଣ୍ଡେଡ୍ କିମ୍ବା ମହଙ୍ଗା ଔଷଧ ଲେଖିଥାନ୍ତି। ଏହାର କାରଣ ହେଉଛି ଯେ ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡିକ ଡାକ୍ତରମାନଙ୍କୁ ସେମାନଙ୍କର ଔଷଧର ପ୍ରୋତ୍ସାହନ, ଔଷଧର ମାଗଣା ନମୁନା ଦେବା ଏବଂ ବେଳେବେଳେ

### ■ ହେବନି ମାଗଣା ବିଦେଶ ଯାତ୍ରା

ସେମାନଙ୍କୁ ମାଗଣାରେ ବିଦେଶ ଯାତ୍ରା କରାଇବା ପାଇଁ ଡାକ୍ତରମାନଙ୍କୁ ମହଙ୍ଗା ଉପହାର ଦେଇଥାନ୍ତି। ଯେତେବେଳେ ଏହା ଔଷଧ 'ଡୋଲୋ ୬୫୦' ବିଷୟରେ ପ୍ରକାଶ ପାଇଲା ଯାହା କୋଭିଡ ସମୟରେ ଲୋକପ୍ରିୟ ହୋଇଥିଲା, ସେତେବେଳେ ଏହା ଜଣାପଡିଲା ଯେ ଡାକ୍ତରମାନେ ସେହି ଔଷଧକୁ ପ୍ରୋତ୍ସାହିତ କରିବାର ମୁଖ୍ୟ କାରଣ ହେଉଛି ଯେ ମାର୍କେଟିଂ ବଦଳରେ କମ୍ପାନୀ ସେମାନଙ୍କୁ ଅନୁଚିତ ଲାଭ ଦେଉଛି। ଅନ୍ୟପକ୍ଷରେ, ଦେଶର ଖାଦ୍ୟ ନିୟାମକ ଖାଦ୍ୟ ନିରାପତ୍ତା ଏବଂ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ) ଖୁବ ଶୀଘ୍ର ସ୍ୱାସ୍ଥ୍ୟ ଏବଂ ଖାଦ୍ୟ ସପ୍ଲିମେଣ୍ଟ ବଜାର ଉପରେ କଡା ନିୟମ ଲାଗୁ କରିପାରନ୍ତି। ନିକଟରେ ଦିଲ୍ଲୀ ପୋଲିସ ଏକ ଗ୍ୟାଙ୍ଗକୁ ଧରିଛି ଯେଉଁମାନେ ନକଲି କର୍କଟ ରୋଗର ଔଷଧ ତିଆରି କରି ମେଡିକାଲ ଷ୍ଟୋରରେ ବିକ୍ରି କରୁଥିଲା। ଏକ ବଡ ଘରୋଇ କ୍ୟାନସର ଡାକ୍ତରଖାନାର ୨ ଜଣ କର୍ମଚାରୀଙ୍କ ସମେତ ଏହି ଗ୍ୟାଙ୍ଗର ୭ ଜଣଙ୍କୁ ଗିରଫ କରାଯାଇଛି। କେନ୍ଦ୍ର ସରକାର ଏକ କମିଟି ଗଠନ କରିଛନ୍ତି ଯାହା ଅତ୍ୟାବଶ୍ୟକ ଔଷଧ ଏବଂ ଚିକିତ୍ସା ଉପକରଣର ମୂଲ୍ୟ ଆକଳନ କରିବ। ଏହାକୁ ଆଧାର କରି ଏକ ରିପୋର୍ଟ ପ୍ରସ୍ତୁତ ହେବ ଏବଂ ଅତ୍ୟାବଶ୍ୟକ ଔଷଧ ଏବଂ ଚିକିତ୍ସା ଉପକରଣର ମୂଲ୍ୟରେ କି ପ୍ରକାର ପରିବର୍ତ୍ତନ କରାଯାଇପାରିବ ତାହା ସ୍ଥିର ହେବ।

